# ପାରଳାଖେମୁଣ୍ଡିର ସାହିତ୍ୟିକ ବିଭା ଓ ବିଭବ

ପ୍ରଦୀପ୍ତ କୁମାର ବାରିକ

ପାରଳା ଖେମୁଣ୍ଡି (ଆଜିର ଗଜପତି ଜିଲ୍ଲା) ଓଡ଼ିଶାର କ୍ଷମତା କେନ୍ଦ୍ର ଭୁବନେଶ୍ୱରଠାରୁ ଦୂରବର୍ତ୍ତୀ ଏବଂ ଆନ୍ଧ୍ରପ୍ରଦେଶର ସୀମାନ୍ତବର୍ତ୍ତୀ ଏକ ସହର ମାତ୍ର ନୁହେଁ, ଏହା ଆଧୁନିକ ଓଡ଼ିଶାର ସୂତିକାଗାର । ଓଡ଼ିଶାର ରାଜନୀତିକ ମାନଚିତ୍ରରେ ଏବେ ପାରଳାଖେମୁଣ୍ଡି କହିଲେ ଯେଉଁ ଭୂଖଣ୍ଡକୁ ବୁଝାଏ, ତାହା ପ୍ରକୃତ ପାରଳାଖେମୁଣ୍ଡିର ଏକ ବିକୃତ ଓ ଖଣ୍ଡିତ ଅଂଶ ମାତ୍ର । ଉତ୍କଳର ରାଜନୀତିକ ସ୍ୱତନ୍ତ୍ରତା ପାଇଁ ଏହା ଯେଉଁଭଳି ଏକ ନିର୍ଣ୍ଣିତ ଅଧ୍ୟାୟ, ଓଡ଼ିଆ ଭାଷା ସାହିତ୍ୟର ଅନ୍ୱୟ ଓ ଅଭିବୃଦ୍ଧି ପାଇଁ ସେହିଭଳି ଏକ ସ୍ପର୍ଦ୍ଧିତ ଉଚ୍ଚାରଣ । ପାରଳାର ସାହିତ୍ୟିକ ପ୍ରତିବେଦନ ସଂପର୍କରେ ଆଲୋକପାତ କରିବା ଏ କ୍ଷୁଦ୍ର ପ୍ରବନ୍ଧର ଆଭିମୁଖ୍ୟ ।

## ଗୋପାଳକୃଷ୍ଣ ଚିନ୍ତେ ଦୁହିଁକିରେ -

### କବିତାରେ ଲୌକିକତା ଓ ସାଂଗୀତିକତାର ଯୁଗଳ ଅନୁରାଗ

ଓଡ଼ିଆ ସାହିତ୍ୟର ଗତିଧାରାରେ ପୁରାଣ ଓ ଛାନ୍ଦ ଯୁଗ ପରେ ଆସିଥିଲା ପଦାବଳୀ ସାହିତ୍ୟର ଯୁଗ । ଏହି ସମୟରେ ସଂଗୀତ ସାହିତ୍ୟର ବିପୁଳ ପ୍ରତିଶ୍ରୁତି ଓ ତା'ର ଲାଳିତ୍ୟମୟ ମୂର୍ଚ୍ଛନାରେ ଯେଉଁମାନେ ଓଡ଼ିଶାର ଜନମାନସକୁ ଚିନ୍ମୟ ଆନନ୍ଦ ଓ ମୁଗ୍ଧ ବିସ୍ମୟର ମିଳିତ ସମବାୟରେ ଉଦ୍‌ବେଳିତ କରିଥିଲେ କବିକଳହଂସ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ନାମ ଅବିସ୍ମରଣୀୟ ।

କବି ଗୋପାଳକୃଷ୍ଣ ଓଡ଼ିଶାର ଅକ୍ଷରଜ୍ଞାନ ବର୍ଜିତ ଅଶିକ୍ଷିତ ଗ୍ରାମ୍ୟ ଜନତାଠାରୁ ଆରମ୍ଭ କରି ଅତ୍ୟୁଚ୍ଚ ଶିକ୍ଷିତ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଏକ ଆଦୃତ ଆବେଗ । ଏହି ଆବେଗଟି ସାହିତ୍ୟିକ ରସସ୍ନିଗ୍ଧତା, ଭକ୍ତି ଭାବନାର ଐକାନ୍ତିକତା ଓ ସଂଗୀତର ଲାଳିତ୍ୟମୟ ଆମନ୍ତ୍ରଣର ଏକ ତ୍ରିବେଣୀ ସଂଗମ । ଓଡ଼ିଆ ପଦାବଳୀ ସାହିତ୍ୟକୁ ଏକ ନିର୍ଣ୍ଣାୟକ ଭୂମିକାରେ ଉପସ୍ଥାପନ କରି ଗୋପାଳକୃଷ୍ଣ ହିଁ ରୀତି ଯୁଗର ଅବସାନ ପରେ ରତିକ୍ଲାନ୍ତ ହୋଇପଡ଼ିଥିବା ଓଡ଼ିଆ କାବ୍ୟ ନାୟିକା ପାଦରେ ପିନ୍ଧାଇ ଦେଇଥିଲେ ଗତିମୟତାର ଘୁଂଘୁର, ଯାହାର ମୂର୍ଚ୍ଛିତ ଆବେଗରେ ନାଚି ଥିଲା ସେ ନିଜେ, ଆଉ ନଚାଇଥିଲା ଓଡ଼ିଶାର ସାରସ୍ୱତ ପ୍ରାଣ ଅଗଣିତ ନରନାରୀଙ୍କୁ । କବିତା-ଲତାର ପ୍ରତିଟି ପତ୍ର ପ୍ରସୂନକୁ ମଧୁକ୍ଷରା କରାଇ ପାରିଥିବା କବି ଗୋପାଳକୃଷ୍ଣ କେବଳ ପାରଳାଖେମୁଣ୍ଡିର ଗୌରବ ନୁହନ୍ତି, ସମଗ୍ର ଓଡ଼ିଶାର ଏକ ମୂର୍ତ୍ତିମନ୍ତ ମର୍ଯ୍ୟାଦା ।

ଓଡ଼ିଆ ସାହିତ୍ୟରେ କବିତାର ଅଭାବ ନାହିଁ । ବୋଧହୁଏ, ଆମ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା କବିତା ବିଭାଗଟି ଅଧିକ ପୁଷ୍କଳ ଓ ପୃଥୁଳାୟତନ । କିନ୍ତୁ ପଦ୍ୟର ଅମୃତ ଆଶୀର୍ବାଦରେ ଯଦି କାହାର କବିତା କାଳୋତ୍ତୀର୍ଣ୍ଣ ହୋଇଛି ବୋଲି ଅନୁସନ୍ଧାନ କରାଯାଏ, ତେବେ ଗୋପାଳକୃଷ୍ଣଙ୍କୁ ଛାଡ଼ି ଆଉ ଆଗକୁ ଯାଇ ହେବ ନାହିଁ । ଗୋପାଳକୃଷ୍ଣଙ୍କ ପଛରେ ପଡ଼ି ରହିଥିଲା ଓଡ଼ିଆ କବିତାର ଏକ ସୁଦୀର୍ଘ ପରମ୍ପରା । ସାରଳାଙ୍କଠାରୁ ଆରମ୍ଭ କରି ବଳଦେବ ରଥଙ୍କ ପର୍ଯ୍ୟନ୍ତ ପ୍ରଲମ୍ବିତ ଥିଲା ଏ ପରମ୍ପରା । ତଥାପି ବାରି ହୋଇପଡ଼ନ୍ତି ଗୋପାଳକୃଷ୍ଣ, କେମିତି ଅଲଗା ଦିଶେ ତାଙ୍କ ମୁହଁ, ନିଆରା ଶୁଭେ ତାଙ୍କ କଣ୍ଠସ୍ୱର !

କେବଳ ବୈଷ୍ଣବ ରସତତ୍ତ୍ୱର ଆଧାରରେ ତାଙ୍କ ପଦାବଳୀଗୁଡ଼ିକର ମୂଲ୍ୟାୟନ କଲେ ଯଥେଷ୍ଟ ହେବ ନାହିଁ । ତାଙ୍କ କବିତା-କଳାର ଲୌକିକ ଆବେଦନ ଓ ସାଂଗୀତିକ ସମ୍ମୋହନ ବୋଧହୁଏ ଆମ ପାଖରେ ତାଙ୍କୁ ଅଧିକ ମାତ୍ରାରେ ସ୍ମରଣୀୟ କରାଇପାରିଛି । ଗୋପାଳକୃଷ୍ଣଙ୍କର ଜନ୍ମ ଏକ ବୈଷ୍ଣବ ପରିବାରରେ । ପରମ ପ୍ରେମମୟୀ ହ୍ଲାଦିନୀ ଶକ୍ତି ସ୍ୱରୂପିଣୀ ଶ୍ରୀରାଧା ଓ ପରମ ପ୍ରେମମୟ ରସରାଜ ଶ୍ରୀକୃଷ୍ଣ ପ୍ରତ୍ୟେକ ବୈଷ୍ଣବର ଆରାଧ୍ୟ ଅପ୍ରାକୃତ : ପ୍ରେମ ମୂର୍ତ୍ତି ଜୟ ରାଧାହରି । ତାଙ୍କ ମତରେ ସେ ଅବ୍ୟକ୍ତ ଲୀଳାକୁ ଅବତାର ଗ୍ରହଣ କରି ବ୍ୟକ୍ତ କରିଛନ୍ତି କେବଳ । ସୁତରାଂ ଗୋପାଳକୃଷ୍ଣ ଶ୍ରୀରାଧା-ଶ୍ରୀକୃଷ୍ଣଙ୍କର ପ୍ରେମାଖ୍ୟାନକୁ ଉପଜୀବ୍ୟ କରି କବିତା ଲେଖିବା ଆଦୌ ଅପ୍ରତ୍ୟାଶିତ ନୁହେଁ । ପଦାବଳୀ ସାହିତ୍ୟର ମୁଖ୍ୟ ଆଧାର ମଧ୍ୟ ରାଧାମାଧବ ଚିନ୍ତନ । କିନ୍ତୁ ଗୋପାଳକୃଷ୍ଣଙ୍କ କବିତାର ମହତ୍ତ୍ୱ ହେଉଛି ତାଙ୍କ ଶ୍ରୀରାଧା-ଶ୍ରୀକୃଷ୍ଣ ଦେବତାର ଦୃଷ୍ଟି ଓ ଦର୍ଶନରେ ଦୁର୍ବୋଧ ନୁହନ୍ତି, ବରଂ ସାଧାରଣ ମଣିଷର ତୃଷା ଓ ତ୍ରାସରେ ତିଳତଣ୍ଡୁଳିତ । କବିତ୍ୱ ଓ ପାଣ୍ଡିତ୍ୟର ପରାକାଷ୍ଠାରେ ଜଗନ୍ନାଥ, ବଳରାମ, ଦୀନକୃଷ୍ଣ,

ଉପେନ୍ଦ୍ର, ଅଭିମନ୍ୟୁ ଓ ଏପରିକି ବଳଦେବ ରଥ ମଧ ଗୋପାଳକୃଷ୍ଣଙ୍କ ଅପେକ୍ଷା ଗରୀୟାନ୍ । କିନ୍ତୁ ଆଖ୍ୟାନବସ୍ତୁର ସାବଲୀଳ ମାନବାୟିତ ରୂପାୟନ ଏବଂ କବିତାର ଅସାଧାରଣ ସାରଲ୍ୟ ମଣ୍ଡିତ ମାଧୁର୍ଯ୍ୟରେ ଗୋପାଳକୃଷ୍ଣ ତାଙ୍କ ପୂର୍ବସୂରୀମାନଙ୍କୁ ଅନାୟାସରେ ବଳି ଯାଇଛନ୍ତି ।

ଭାଷାର ସ୍ୱାଭାବିକତା ଓ କାବ୍ୟାନୁଭବର ନିବିଡ଼ ଆନ୍ତରିକତା ଯୋଗୁଁ ଗୋପାଳକୃଷ୍ଣଙ୍କ କବିତା ଅନ୍ୟ ବୈଷ୍ଣବଙ୍କ କବିତାଠାରୁ ଅଲଗା ବୋଲି ଚିହ୍ନି ହୋଇଯାଏ । ରସକଲ୍ଲୋଳ, ବୈଦେହୀଶ ବିଳାସ, କଳାକଉତୁକ, ବିଦଗ୍ଧ ଚିନ୍ତାମଣି ଓ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ଇତ୍ୟାଦି କାବ୍ୟାବଳୀର ଅନେକ ଛାନ୍ଦ କେବଳ ଭାଷାର ଆଡ଼ମ୍ବର ଯୋଗୁଁ ଅସ୍ୱାଭାବିକ ଭାବେ ଦୁଷ୍ପାପ୍ୟ ହୋଇଅଛି । ସେମାନଙ୍କର କେବଳ ସେହି ଛାନ୍ଦ ବା ଗୀତ ଜନପ୍ରିୟ ଯାହା ସରଳ, ସୁବୋଧ ଓ ଭାବଗର୍ଭକ । ଅପରପକ୍ଷରେ ଗୋପାଳକୃଷ୍ଣଙ୍କ କବିତା 'ଶରତକାଳୀନ ନଦୀ ଜଳପରି କ୍ଷୀଣ ହେଲେ ହେଁ ଅତ୍ୟନ୍ତ ନିର୍ମଳ ଓ ସୁପେୟ । ଟୀକା-ଟିପ୍ପଣୀ ରୂପକ ନିର୍ମଳୀ ଫଳ ଦରକାର ହେବନି, ଅଥଚ ଜଳର ସ୍ୱାଭାବିକ ମାଧୁରୀରେ ପିପାସୀର ତୃଷା ନିବୃତ ହେବ ।' (ମାୟାଧର ମାନସିଂହ - କବି ଓ କବିତା)

କବିତା କେବଳ ଦେହର କଥା କହେ ନାହିଁ, ଏହା ମଧ ମନର କଥା କହେ, ଆଉ କହେ ବି ଅନୁଭବର କଥା, କଳ୍ପନାର କଥା । ନିଜ ସ୍ନାୟୁ ଓ ଶିରାର ଜାଲରେ କେବେ ଥରେ ପଡ଼ି ନଥିବା କିମ୍ବା ନିଜ ଚେତନାର ଚୌହଦୀରେ କେବେ ଥରେ ଆସି ନଥିବା କଥାଗୁଡ଼ିକ ଯେତେ ଲୋଭନୀୟ ହୋଇଥାଆନ୍ତୁ ପଛକେ, ଅପ୍ରିୟ ହେବେ କିନ୍ତୁ ନିଶ୍ଚୟ । ସେଥିପାଇଁ 'ଅଭିମନ୍ୟୁ, ଦୀନକୃଷ୍ଣଙ୍କର ପ୍ରଣୟ ବର୍ଣ୍ଣନା ସ୍ଥାନେ ସ୍ଥାନେ ଏପରି ଅସ୍ୱାଭାବିକ ହୋଇଛି ଯେ, ତାହା ଓଡ଼ିଶାରେ, ବୃନ୍ଦାବନରେ ବା ଜଗତର କୌଣସି ସ୍ଥାନରେ ସତ୍ୟ ନୁହେଁ । x x x ଗୋପାଳକୃଷ୍ଣ ପ୍ରଧାନତଃ ଅନୁଭବୀ କବି । ସେ ନିଜେ ଯାହା ଦେଖିଛନ୍ତି, ନିଜେ ଯାହା ଅନୁଭବ କରିଛନ୍ତି, ତାହା ହିଁ ଲେଖିଛନ୍ତି । ତାଙ୍କର ରାଧା ମିତ୍ର-ପୂଜା କରି ଯାଏନା, ଗାଧୋଇବାକୁ ଯାଇ ପ୍ରେମିକ ଫାନ୍ଦରେ ପଡ଼େ । ସେ ଘରେ ବସି ପ୍ରିୟ ପାଇଁ ଫୁଲ ଗୁନ୍ଥେନା ବା କଜ୍ଜଳରେ ଚିତ୍ରକରି ଚୁମ୍ବେନା । ସେ ଭାତ ରାନ୍ଧୁ ରାନ୍ଧୁ ଆସନ୍ନ ଅଭିସାର ଭୟରେ କମ୍ପି ଉଠେ । ଏ ରାଧା ଜୀବନ୍ତ ରାଧା । ଏହା ବୃନ୍ଦାବନରେ, ଉତ୍କଳରେ ଓ ଜଗତର ସବୁ ଦେଶରେ ସତ୍ୟ ।' (ମାୟାଧର ମାନସିଂହ - କବି ଓ କବିତା) କେବଳ ଏଇଥିପାଇଁ ବିଷୟବସ୍ତୁ ନିର୍ବାଚନ ଓ ଭାଷା ପ୍ରୟୋଗ କ୍ଷେତ୍ରରେ ଗୋପାଳକୃଷ୍ଣ ଲୌକିକ ସ୍ତରରେ ରହିଥିଲେ ମଧ ତାଙ୍କ କବିତା ଉନ୍ନୀତ ହୋଇପାରିଛି ଅଲୌକିକ ସ୍ତରକୁ ।

ସାଧାରଣ ଦୃଷ୍ଟିରେ ତୁଚ୍ଛ ଓ ହେୟ ମନେ ହେଉଥିବା ଘଟଣାଗୁଡ଼ିକରେ କବିମାନେ ସଂଧାନ କରିଥାନ୍ତି ଦୁର୍ମୂଲ୍ୟ ଅନ୍ତରଙ୍ଗ ଅନୁଭବ । ଜୀବନ ପ୍ରବାହରେ ନିତି ପ୍ରତି ଘଟୁଥିବା ଘଟଣାମାନଙ୍କରେ ଯେଉଁ କବି ଅନୁଭବ କରିପାରେ ସାରସ୍ୱତ ପ୍ରତିଶ୍ରୁତି, ସେ ହିଁ ପାଠକର ହୃଦୟରେ ଏକ ଦୃଢ଼ ଆସନ ଦାବୀ କରିବସେ । ଅନ୍ୟ କଥାରେ କହିଲେ ଘଟଣା ବା ଦୃଶ୍ୟଟି ମାନବୀୟ ହେବା ସଂଗେସଂଗେ ତାହାର ପରିପ୍ରକାଶ ଯଦି ଲୌକିକ ଭାଷାରେ ଏକ ଅଲୌକିକ କଳା କଳ୍ପନା ସୃଷ୍ଟି କରି ପାରେ, ତେବେ ତାହା ହିଁ ହୁଏ ଉତ୍କୃଷ୍ଟ କବିତା । କାବ୍ୟ ବିଚାରର ଏ ମାନଦଣ୍ଡରେ ଗୋପାଳକୃଷ୍ଣଙ୍କ ପ୍ରତିଟି କବିତା ନିଜର ଉତ୍କର୍ଷ ପ୍ରତିପାଦନ କରିପାରିଛନ୍ତି ।

ପୁଅଟିଏ ମାଆ ପାଖରେ ଅଳି ଅଝଟ କରିବା ଅତି ସାଧାରଣ ଘଟଣା । ଜୀବ ସୃଷ୍ଟିର କେଉଁ ସ୍ମରଣାତୀତ କାଳରୁ ଏ ପ୍ରକ୍ରିୟା ପ୍ରଚଳିତ ତାହା କହିବା ସହଜ ନୁହେଁ । ଅପତ୍ୟ ସ୍ନେହର ଜାଲରେ ଛନ୍ଦି ହୋଇଛନ୍ତି କିବା ମଣିଷ କିବା ପଶୁ, ପକ୍ଷୀ ସମସ୍ତେ । ଏକାନ୍ନବର୍ତ୍ତୀ ଓଡ଼ିଆ ଘରର ବୋହୂମାନଙ୍କୁ ଗୃହକୃତ୍ୟ ସହିତ ସନ୍ତାନମାନଙ୍କର ଲାଳନପାଳନ ଦାୟିତ୍ୱ ଯୁଗପତ୍ ବହନ କରିବାକୁ ପଡ଼ିଥାଏ । ତେଣୁ ସେମାନେ ପିଲାମାନଙ୍କୁ ଖୁଆଇପିଆଇ ଶୁଆଇ ଦେବା ପରେ ଘରର ଅନ୍ୟାନ୍ୟ ଜଂଜାଳ ବୁଝିଥାନ୍ତି । ବେଳେବେଳେ ଅଧା ନିଦରୁ ଛୁଆ ଉଠିପଡ଼ି ମାଆକୁ ପୁଣି ବ୍ୟସ୍ତ କରାଏ । ଏହା କେଉଁ ବା ନୂଆ କଥା ? ଗୋପାଳକୃଷ୍ଣ ଏହି ସାଧାରଣ ଘଟଣାଟିକୁ କବିତା ସଂଗୀତର ଯୁଗଳ ଅନୁରାଗରେ ଏଭଳି ଉପସ୍ଥାପନ କରିଛନ୍ତି ଯେଉଁଠି ଘଟଣାର ପୌନଃ ପୁନିକତାଜନିତ କ୍ଳାନ୍ତି ନାହିଁ, ଅଛି କେବଳ ତା'ର କମନୀୟ କଳାତ୍ମକ ଅଭିବ୍ୟକ୍ତି । କୃଷ୍ଣଙ୍କର ଅସମୟ ନିଦ୍ରୋତ୍‌ଥାନ ଯଶୋଦାଙ୍କର ଅନ୍ୟାନ୍ୟ ଗୃହ କୃତ୍ୟ ପାଇଁ ବାଧକ ହୋଇଛି । ତେଣୁ ସେ କହିଛନ୍ତି -

'ଉଠିଲୁ ଏଡ଼େ ବେଗି କାହିଁକିରେ
ଦଧି ମନ୍ଥାଇ ଦେବୁ ନାହିଁକିରେ । ...'

ଏଠାରେ ଲକ୍ଷ୍ୟ କରାଯାଇପାରେ, ଯଶୋଦାଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଏ ପ୍ରକାର ବାକ୍ୟ ବ୍ୟବହାରରେ କୌଣସି ଉଚ୍ଚାଙ୍ଗ ସାହିତ୍ୟର କଳ୍ପନା ନାହିଁ, କିମ୍ବା ବୈଷ୍ଣବୀୟ ରସଶାସ୍ତ୍ରର କୌଣସି ଓଜନିଆ ତତ୍ତ୍ୱ ମଧ ଏଠାରେ ଥିବାଭଳି ମନେ ହେଉନାହିଁ । କେବଳ ଗୃହକର୍ମ ବିଧାନରେ ଗୋଟିଏ ମାଆର କରୁଣ ଅସହାୟତା ଏବଂ ପୁତ୍ର ପ୍ରତି ତା'ର ବାତ୍ସଲ୍ୟ ଅନୁଶାସନର ଆକ୍ଷେପଟି ସ୍ପଷ୍ଟ ଦିଶି ଯାଉଛି । ଅନୁଭବଟି ସାଧାରଣ ଓ ଭାଷା ଲୌକିକ ହେଲେ ସାହିତ୍ୟର ଆବେଦନ ସାର୍ବଜନୀନ ହେବା ସପକ୍ଷରେ ଏହାଠାରୁ ବଳି ଆଉ ଅଧିକ ସମୀଚୀନ ଉଦାହରଣ କ'ଣ ରଖାଯାଇପାରେ ? ଏହି ଦୃଶ୍ୟପଟ୍ଟରୁ ଯେଉଁ ପୁଅର ଛବି ଦେଖାଯାଉଛି ତାହା ଜଣେ ଅଳିଖୋର, ଅଝଟିଆ ଅମାନିଆ ବାଳକର ଯାହାକୁ ଯେତେ ବୁଝାଇଲେ ବି ସେ ବୁଝେନା । ମନା କରିବା ସତ୍ତ୍ୱେ ମନ୍ଥନ ଘଟରୁ ଲହୁଣୀ କାଢ଼ି ନିଏ, ମନା କଲେ ରୁଷିଯାଏ । ଏପରିକି ସେ ଖୁଆଦଣ୍ଡକୁ ଚାଲିବାକୁ ଦିଏ ନାହିଁ ସର ମେଞ୍ଚାଏ ନପାଇବା ପର୍ଯ୍ୟନ୍ତ । ତାକୁ ବୁଝାଇବାକୁ ଯାଇ ଯଶୋଦାଙ୍କର ସମୟ ସବୁ

ସରିଯାଏ, ଗୃହକାର୍ଯ୍ୟ ଅଧା ହୋଇ ପଡ଼ିରହେ । ସେ ବ୍ୟସ୍ତ ହୁଅନ୍ତି କିନ୍ତୁ ସେ ବ୍ୟସ୍ତତାରେ ବିରାଗ ନାହିଁ, ଅଛି କେବଳ ପ୍ରସ୍ତ ପ୍ରସ୍ତ ବହଳ ଅନୁରାଗ । ଓଡ଼ିଆ ଘରର ଏ ଶସ୍ତା ଓ ସାଧାରଣ ଦୃଶ୍ୟଟିକୁ ଆଜି ପର୍ଯ୍ୟନ୍ତ କେତେ କବି, ଭାବୁକ, ଦାର୍ଶନିକ ଦେଖି ନଥିବେ । କିନ୍ତୁ ଗୋପାଳକୃଷ୍ଣ ଏହାକୁ ଯେଉଁଭଳି ମହାର୍ଘ୍ୟ ଓ ମନୋହର କରିପାରିଛନ୍ତି, ତାହା ବାସ୍ତବରେ ଅତୁଳନୀୟ । ସେ ନିଜେ ଦେଖି ଅନ୍ୟମାନଙ୍କୁ ଯେଉଁ ଢଙ୍ଗରେ ଦେଖାଇଛନ୍ତି, ତା'ର ପଟ୍ଟାନ୍ତର ବିରଳ । ଯଶୋଦା କହୁଛନ୍ତି -

'ଗୃହକୃତ୍ୟ ପକାଇ ବସିଥିବି ଏକାଇ
ନିଶି ଦିନ ତୋତେ କାଖେଇକି
ପଣନ୍ତରେ ବଦନ ପୋଛି ଦେଲେ ଚନ୍ଦନ
ଗୋପାଳକୃଷ୍ଣ ଚିନ୍ତେ ଦୁହିଁକିରେ ।'

ଏଥିରେ ବୈଷ୍ଣବୀୟ ଚିନ୍ତାଧାରା ନାହିଁ, ନୁହେଁ । କିନ୍ତୁ ବୈଷ୍ଣବୀୟ ଦର୍ଶନ ଅପେକ୍ଷା ଯାହା ଅଗ୍ରାଧିକାର ପାଉଛି, ତାହା ହେଉଛି ଘଟଣାର ସାଧାରଣତ୍ୱ ଓ ପରିପ୍ରକାଶର ସ୍ୱଚ୍ଛନ୍ଦତା । କେବଳ ଏଇ ଯୋଗ୍ୟତା ଗୋପାଳକୃଷ୍ଣଙ୍କର ଏକକ ଓ ନିରଙ୍କୁଶ । କବିତା ରଚନାର ସବୁଠାରୁ ମୌଳିକ ଉପାଦାନ ଏହି ଲୌକିକ ଅନୁଭୂତିର ପକ୍ଷ ସମର୍ଥନ କରିବାକୁ ଯାଇ ମିଲ୍ ମଧ୍ୟ କହିଛନ୍ତି - 'Who so ever writes out truely any human feeling writes poetry.'

ଗୋପାଳକୃଷ୍ଣ ଓ ତାଙ୍କ ପଦ୍ୟାବଳୀ ସଂପର୍କରେ ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଉଛି ତାଙ୍କ କବିତାର ସାଂଗୀତିକତା । ଲୌକିକ ଅନୁଭବକୁ ନେଇ ଗୋପାଳକୃଷ୍ଣ କବିତା ରଚନା କରିବା ପଛରେ ଯେଉଁ କାରଣ ବିଦ୍ୟମାନ, ଠିକ୍ ସେହି କାରଣରୁ ହିଁ ତାଙ୍କ କବିତାରେ ସାଂଗୀତକତା ଏକ ମୁଖ୍ୟ ଉପାଦାନ ହୋଇପାରିଛି । ସେ କବିତା ଲେଖିଛନ୍ତି କେବଳ କବି, ପଣ୍ଡିତ ଓ ବିଦ୍ୱାନ ମଣ୍ଡଳୀ ପାଇଁ ନୁହେଁ, ସେ ଲେଖିଛନ୍ତି ଅପାଠୁଆ, ମୁର୍ଖ, ଅଶିକ୍ଷିତ ଓ ଅପଣ୍ଡିତ ସାଧାରଣ ଜନତାଙ୍କ ପାଇଁ ମଧ୍ୟ । ତେଣୁ ସେଥିରେ ସାଧାରଣ ସ୍ତରର ଜୀବନାନୁଭୂତି ପ୍ରକାଶ ପାଇବା ଯେଉଁଭଳି ସ୍ୱାଭାବିକ, ସାଧାରଣ ଜନତାର ଚିତ୍ତୋଲ୍ଲାସକାରୀ, ହୃଦୟଦ୍ରାବକ ସଂଗୀତର ପରିବେଷଣ ମଧ୍ୟ ତତୋଧିକ ଯୁକ୍ତିଯୁକ୍ତ । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଯଥାର୍ଥରେ କହିଛନ୍ତି - 'ଗୋପାଳକୃଷ୍ଣଙ୍କ ଲେଖାର ବାହାଦୁରୀ ବା ସମାଦର ଲାଭର କାରଣ ହେଉଛି ଯେ ସେ ନିତିଦିନିଆ ଚଳନ୍ତି ଭାବଧାରାର ଅନୁଭବୀ କବି ଏବଂ ମନକଥା ଲେଖନୀମୁନରେ ରଖି ଦେଇ ଯିବାଭଳି ଏକ ସମର୍ଥ ସ୍ୱର ସାହିତ୍ୟ ଶିଳ୍ପୀ । ରାଧାକୃଷ୍ଣଙ୍କ ମିଳନ ବର୍ଣ୍ଣନା ବେଳେ କବି ସତେ ଅବା ଆଖି ଆଗରେ ଦେଖିଥିବା ଘଟଣା ପରମ୍ପରାର ନିଖୁଣ ଚିତ୍ର ରଚନା କରିଯାଇଅଛନ୍ତି । ମୋର ତ ମନେହୁଏ ବହୁସ୍ଥଳରେ ଗୋପାଳକୃଷ୍ଣ ତାଙ୍କର ସଂଗୀତ ରଙ୍ଗମଞ୍ଚର ଭୂମିକାରେ ସ୍ୱୟଂ ବନକ ବୋଲି ଅଭିନୟକୁ ଜୀବନ୍ତ କରିଅଛନ୍ତି ।'

ଯଥାଯଥ ଗାୟନ ଓ ସୁଲଳିତ ପରିବେଷଣ ଢଙ୍ଗରେ ଗୋପାଳକୃଷ୍ଣଙ୍କ ପ୍ରତିଟି କବିତାର ଚରମ ସାର୍ଥକତା ନିହିତ । ବିଳମ୍ବିତ ସନ୍ଧ୍ୟାରେ ଓଡ଼ିଶୀ ବାଦ୍ୟୋପକରଣର ତାଳେ ତାଳେ 'ଉଠିଲୁ ଏଡ଼େ ବେଗି କାହିଁକିରେ ...' ଗୀତଟି ଶୁଣିଲେ କେବଳ ଜଣେ ବିଷ୍ଣୁ ଭକ୍ତର ହୃଦୟ ବାତ୍ସଲ୍ୟ ରସରେ ଆପ୍ଲୁତ ହୋଇଯାଏ ନାହିଁ, ରାତ୍ରିର ଘରକରଣା ବେଗି ବେଗି ସାରିବାକୁ ଚଞ୍ଚଳ ଥିବା ଗୃହିଣୀଟିର ହାତ ମଧ୍ୟ ଅଟକି ଯାଏ । 'କବିତାଠାରୁ ସଂଗୀତକୁ ଅଲଗା କରି ହେବ ନାହିଁ' - ଏହି ମତବାଦର ପକ୍ଷପାତୀ ଥିଲେ ଗୋପାଳକୃଷ୍ଣ । ଇଂରାଜୀ ସାହିତ୍ୟରେ ରୋମାଣ୍ଟିକ୍ ଯୁଗର କବିମାନେ ମଧ୍ୟ ଏହି ଆଭିମୁଖ୍ୟ ସପକ୍ଷରେ ଯାଇ କହିଥିଲେ -'Music is only Poetry.' ଗୋପାଳକୃଷ୍ଣଙ୍କ କବିତାର ସାଂଗୀତିକ ମାଧୁର୍ଯ୍ୟ ସେସମୟରେ ଅନେକ ମୂର୍ଖ ଅସାହିତ୍ୟ ପ୍ରାଣକୁ ସାହିତ୍ୟ ପ୍ରତି ଅନୁରକ୍ତ କରାଇପାରିଛି ବୋଲି ମନେହୁଏ । ଏହାର କାରଣ ହେଉଛି ତାଙ୍କ ପଦ୍ୟାବଳୀ ପରିବେଷଣ ସ୍ଥଳରେ ଅନେକ ଲୋକଙ୍କର ସମାଗମ ହୁଏ ଏବଂ ପାଠ ପଢ଼ି ନଥିବା ଲୋକଟି ଅନ୍ୟ ସମୟରେ ଶୁଣିଥିବା ଏହି ଗୀତମାନଙ୍କରୁ ପଦେ ଅଧେ ଗୁଣୁ ଗୁଣୁ କରି ଗାଇବାର ଉଦାହରଣ ଆଦୌ ବିରଳ ନୁହେଁ ।

ଏହାଛଡ଼ା କବିତାରେ ସଂଗୀତର ଅନ୍ୟ ଏକ ଆବଶ୍ୟକତା ମଧ୍ୟ ରହିଛି । ଗଦ୍ୟର ଆବେଦନ ହୁଏତ କେବେ କେବେ ପାଠକ ପାଖରେ ବ୍ୟର୍ଥ ହୋଇପାରେ । କିନ୍ତୁ କବିତାର ପଦ୍ୟମୟତା, ରାଗ ରାଗିଣୀ ଓ ଛନ୍ଦ ପ୍ରବାହର ଲଳିତ ଆକର୍ଷଣ ପ୍ରତ୍ୟେକ ପାଠକ ଓ ଶ୍ରୋତାକୁ କବିଙ୍କ ପ୍ରତି ସମ୍ବେଦନଶୀଳ କରାଏ । କବିତାର ଛନ୍ଦମୟ ସଂଗୀତ ଯୋଗୁଁ ଏହାର ପଠନ ଓ ଶ୍ରବଣରେ ପାଠକ ବା ଶ୍ରୋତା ଉଲ୍ଲସିତ-ଏକାଗ୍ରତା (Delighted attention) ପ୍ରାପ୍ତ ହୁଏ । ଗୋପାଳକୃଷ୍ଣ ପଦ୍ୟାବଳୀର ଯେକୌଣସି ଗୀତର ଶାସ୍ତ୍ରୀୟ ପରିବେଷଣ ଶୁଣିଲେ ଶ୍ରୋତାର ମନୋଯୋଗ କେବଳ ଜାଗ୍ରତ ହୁଏ ନାହିଁ, ସେ ମଧ୍ୟ ଆନନ୍ଦାମୃତ୍ତିରେ ପୂର୍ଣ୍ଣସ୍ନାନ କଲାଭଳି ଅନୁଭବ କରେ ।

ସହଜାତ ପ୍ରତିଭାକୁ ଉପଜୀବ୍ୟ କରି ଗଢ଼ି ଉଠିଥିଲା ଗୋପାଳକୃଷ୍ଣଙ୍କ କବିତାବଳୀର କଳାକୋଣାର୍କ । 'ସେଥିପାଇଁ ତାଙ୍କ କବିତାବଳୀରେ ତାତ୍ତ୍ୱିକ ଗଭୀରତା ଓ ପାଣ୍ଡିତ୍ୟର ଅଭିବ୍ୟକ୍ତି ଅପେକ୍ଷା ମନୁଷ୍ୟ ରକ୍ତର ବାସ୍ତବ ଉଷ୍ମତା ଓ ଭାବପ୍ରବଣତାର ସ୍ପର୍ଶ ଅଧିକ । ରାଧାକୃଷ୍ଣ ତାଙ୍କ ରଚନାରେ କେବଳ ଦୁଇଟି ଆଧ୍ୟାତ୍ମିକ ପ୍ରତୀକ ମାତ୍ର ନୁହନ୍ତି, ଅନୁଭୂତିର ତୀବ୍ର ଆବେଗ ଓ ପ୍ରେମର ଅନନ୍ୟ ଦୃଷ୍ଟି ଆତ୍ମୋତ୍ସର୍ଗ ମଧ୍ୟରେ ସେମାନେ ହୋଇ ଉଠିଛନ୍ତି ମାନବିକ ପ୍ରେମ ମହିମାର ଦୈବତ ପ୍ରତିନିଧି ।' (ଚିନ୍ତାମଣି ବେହେରା - ବିଦଗ୍ଧ ପାଠକ, ପୃ.୨୯) ପ୍ରଣୟର ଚିରନ୍ତନ ଶଙ୍କା ଆଶା, ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ତାଙ୍କ ତୂଳୀରେ ଅତି ସରସ ଓ ଲଳିତ ଭଂଗୀରେ ଚିତ୍ରିତ । ପ୍ରଣୟ-ସଂଗୀତ ବ୍ୟତୀତ କବିଙ୍କର ବାତ୍ସଲ୍ୟ ରସାଶ୍ରୟୀ ଅନ୍ୟ କେତୋଟି ସଂଗୀତ ରହିଛି, ଯେଉଁଥିରେ କୃଷ୍ଣ ଓ ଯଶୋଦାଙ୍କୁ ଆଶ୍ରୟ କରି କବି ଏକ ଚିରନ୍ତନ ମାତୃପ୍ରାଣ ଏବଂ

ସର୍ବକାଳୀନ ଶିଶୁ ମନର ସ୍ୱଭାବ ସୁନ୍ଦର ଆଲେଖ୍ୟ ଅଙ୍କନ କରିବାକୁ ସମର୍ଥ ହୋଇଛନ୍ତି ।

ଗୋପାଳକୃଷ୍ଣଙ୍କ କବିତାରୁ ଲୋକ ଉପାଦାନ ଓ ସଂଗୀତର ସ୍ୱର ସନ୍ଧାନ କରିବା ପାଇଁ ବେଶୀ ଦୂର ଯିବାକୁ ପଡ଼େ ନାହିଁ । ତାଙ୍କର ଯେକୌଣସି କବିତାକୁ ଆଖି ପକାଇଲେ ଏ ଦୁଇ ସଂପଦ ସହଜରେ ଉପଲବ୍ଧି ହୋଇପାରିବ । 'ଶ୍ୟାମକୁ କୁହାର, ତା'ର ପ୍ରେମକୁ କୁହାର ମା' ...', 'ଅନୁସରିତ ପ୍ରଭୋକାଳଯାକ ଗଲା ସରିତ', 'କଦମ୍ବବନେ ବଂଶୀ ବାଜିଲାରେ ...', 'ଶ୍ୟାମ ସୁନ୍ଦର ମୂରଲୀ ନିନାଦ ଜାତି ନେବ ମଣିଲି', 'କି ନାଦରେ ପ୍ରାଣ ସଂଗୀନି, ଶୁଭୁଛି କଦମ୍ବ ବନେ', 'କେଶର କୁଞ୍ଜ ଶେଯରେ', 'ପଥ ଛାଡ଼ି ଦେ ମୁଁ ଯିବି ଫୁଲ ତୋଳି', ମୋତେ ଲଗାନାରେ ବକ୍ର ବିଧୁଲଟ', 'ରାଧା ଗୋବିନ୍ଦ ଭଜରେ ମାନସ', 'ବ୍ରଜ ବିଧୁ ପରି ମୋତେ କେ ଦିଶୁ ନାହିଁ' ଇତ୍ୟାଦି କବିତାଗୁଡ଼ିକରେ ଗୋପାଳକୃଷ୍ଣ ପ୍ରତିଭାର ଦୁଇ ମହନୀୟ ଦିଗ, ଲୋକ ପରମ୍ପରା ଓ ସଂଗୀତ କଳା ଅତି ଅନାୟାସରେ ଲକ୍ଷ୍ୟ କରାଯାଇପାରେ ।

## ଏକ ଅନାଥ ଶିଶୁର ପୃଷ୍ଠପୋଷକତା :

### ଶ୍ୟାମ ସୁନ୍ଦର ରାଜଗୁରୁଙ୍କ 'ପ୍ରବନ୍ଧାବଳୀ'

ଆଜିବି ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭାଗ ତୁଳନାରେ ପ୍ରବନ୍ଧ ବିଭାଗଟି ଯଥୋଚିତ ଶୁଶ୍ରୁଷା ଲାଭ କରିପାରି ନାହିଁ । ପତ୍ରପତ୍ରିକା ଓ ପୁସ୍ତକମାନଙ୍କରେ ଅନ୍ୟାନ୍ୟ ସାହିତ୍ୟିକ ବିଭାବର ବିପୁଳ ସମ୍ଭାର ଆଗରେ ପ୍ରବନ୍ଧ ବିଭାଗଟି ଅନାଥ ଶିଶୁ ଭଳି ଅବହେଳିତ ହୋଇ ପଡ଼ି ରହିଛି । ଏକବିଂଶ ଶତକର ଆଦ୍ୟପାଦରେ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ସ୍ଥିତି ଯଦି ଏତାଦୃଶ, ତେବେ ଏବେଠାରୁ ପ୍ରାୟ ଶହେ ବର୍ଷ ପୂର୍ବେ ଅର୍ଥାତ୍ ବିଂଶ ଶତକର ଆଦ୍ୟ ଭାଗରେ ଏହାର କଳେବର ଅତ୍ୟନ୍ତ ଶୀର୍ଣ୍ଣ ଓ କୃଶ ଥିବା ଆଦୌ ଆଶ୍ଚର୍ଯ୍ୟଜନକ ନୁହେଁ ।

୧୯୧୭ ମସିହାରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ କର୍ତ୍ତୃକ ରଚିତ 'ପ୍ରବନ୍ଧାବଳୀ' ଏ କ୍ଷେତ୍ରରେ ଏକ ଦୁଃସାହସିକ ପଦକ୍ଷେପ । କାବ୍ୟ କବିତା ରଚନାର ପ୍ରଚଣ୍ଡ ଧାରାରେ ସେ ଭାସି ନଯାଇ ପ୍ରବନ୍ଧ ରଚନା କ୍ଷେତ୍ରରେ ନିଜ ମୌଳିକତାର ପରିଚୟ ପ୍ରଦାନ କରିଛନ୍ତି । ସାହିତ୍ୟ ସମାଲୋଚନାର ଏକାନ୍ତ ଅବହେଳିତ ଦିଗଟିକୁ ସେ ଆଦରି ନେଇଥିଲେ ପରମ ଆଗ୍ରହରେ । ଏ ପୁସ୍ତକର ମହତ୍ତ୍ୱ ସଂପର୍କରେ ଆଲୋଚକ ଗୌରୀକୁମାର ବ୍ରହ୍ମା ମତ ଦେଇ କହନ୍ତି - 'ପ୍ରବନ୍ଧାବଳୀ ଓଡ଼ିଆ - ଆଲୋଚନା - ସାହିତ୍ୟ - ଗଗନର ଏକ ଦୀପ୍ତିମନ୍ତ ଜ୍ୟୋତିଷ୍କ । ଓଡ଼ିଆ ଭାଷାର ଇତିହାସ, ଓଡ଼ିଆ ସାହିତ୍ୟର ଇତିହାସ ଓ ଓଡ଼ିଆ ଛନ୍ଦର ଇତିହାସ ବିଚାରରେ ଏହା ଏକ ଗୌରବୋଜ୍ଜ୍ୱଳ ଅବଦାନ । ସ୍ୱର୍ଗତ ଶ୍ୟାମସୁନ୍ଦରଙ୍କର ଗଭୀର ପାଣ୍ଡିତ୍ୟ ଓ ଯୁକ୍ତିପଟୁତାର ଅମ୍ଳାନ ସଙ୍କେତ ବହନ କରି ଏହି ପ୍ରବନ୍ଧଗୁଚ୍ଛ ଓଡ଼ିଆ ସାହିତ୍ୟିକ ସମାଜରେ ନିଜର ତୁଙ୍ଗ ଆସନ ପ୍ରତିଷ୍ଠିତ କରିପାରିଅଛି ।'

'ପ୍ରବନ୍ଧାବଳୀ'ରେ ସର୍ବମୋଟ ୨୨ ଗୋଟି ପ୍ରବନ୍ଧ ସ୍ଥାନିତ ହୋଇଛି । ଏହି ପ୍ରବନ୍ଧଗୁଡ଼ିକ ମଧ୍ୟରେ କେତେକ ଜୀବନୀ ମୂଳକ, ସାହିତ୍ୟିକ, ଭାଷାତାତ୍ତ୍ୱିକ, ସମାଲୋଚନାତ୍ମକ, ଐତିହାସିକ ହୋଇଥିବାବେଳେ ଆଉ କେତେକ ଓଡ଼ିଆ ବ୍ୟାକରଣକୁ ଉପଜୀବ୍ୟ କରିଛି । ଏହାଛଡ଼ା ସେ ଇଂରାଜୀରେ ମଧ୍ୟ ଏକ ଦୀର୍ଘ ସମାଲୋଚନାତ୍ମକ ପ୍ରବନ୍ଧ ରଚନା କରି ତାଙ୍କ ପ୍ରାବନ୍ଧିକ ଖ୍ୟାତିର ମର୍ଯ୍ୟାଦା ବର୍ଦ୍ଧନ କରିଛନ୍ତି । ଏହି ପୁସ୍ତିକାଟିର ନାମ 'Feasts and fasts of the Oriyas' (ଓଡ଼ିଆମାନଙ୍କର ବ୍ରତୋପବାସ) । ପ୍ରବନ୍ଧାବଳୀରେ ସ୍ଥାନ ପାଇଥିବା ପ୍ରଥମ ପ୍ରବନ୍ଧଟି ହେଉଛି 'ଓଡ଼ିଆ ଛନ୍ଦ' । ଓଡ଼ିଆ ଛନ୍ଦର ଜ୍ଞାନ ବୋଧ ଓ ଆକର୍ଷଣ ଯେତେବେଳେ ସମଗ୍ର ଓଡ଼ିଆ ସାହିତ୍ୟରେ ଅସ୍ପଷ୍ଟ ଥିଲା, ସେତେବେଳେ ଶ୍ୟାମସୁନ୍ଦର ଏହା ଉପରେ ଏକ ତାତ୍ତ୍ୱିକ ଓ ତଥ୍ୟଭିତ୍ତିକ ପ୍ରବନ୍ଧ ରଚନା କରି ଓଡ଼ିଆ ଛନ୍ଦକୁ ଏକ କୌଳିନ୍ୟ ସମଭିବ୍ୟାହାରରେ ଉପସ୍ଥାପିତ କରିପାରିଛନ୍ତି । ଏହି ପ୍ରବନ୍ଧଟି ଏଭଳି ଉଚ୍ଚକୋଟୀର ହୋଇଥିଲା ଯେ ଡକ୍ଟର ରାମବାହାଲ ତେଓୟାରୀ ବଂଗଳାରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଛନ୍ଦବିଚାରକୁ ଅବଲମ୍ବନ କରି ଏକ ସମାଲୋଚନା ଲେଖିଛନ୍ତି । ଶ୍ୟାମସୁନ୍ଦର ରାଜଗୁରୁଙ୍କ ଅନ୍ୟାନ୍ୟ ପ୍ରବନ୍ଧଗୁଡ଼ିକ ମଧ୍ୟରେ ଶୁଦ୍ରମୁନି ଶାରଳା ଦାସ, ବଳରାମ ଦାସ, ଦୀନକୃଷ୍ଣ ଦାସ, ଦ୍ୱାରକା ଦାସ, ଧନଞ୍ଜୟ ଭଂଜ, ହଳଧର ଦାସ, ଗୋପାଳ କବି, କୃଷ୍ଣ ସିଂହ, ଦାଶରଥି ଦାସ ଓ କୃପାସିନ୍ଧୁ ଦାସ, କବି ହରିକୃଷ୍ଣ, ରାମ ଦାସ, ନିଶଙ୍କରାୟ ରାଣୀ, କାହ୍ନୁ ଦାଶ ଓଡ଼ିଆ ବିଭକ୍ତି, ଓଡ଼ିଆ ସର୍ବନାମ, ଓଡ଼ିଆ ଅବ୍ୟୟ, ଧ୍ରୁବ ନାଟକ ସମାଲୋଚନା ପ୍ରତିବାଦ ପତ୍ର, ଉତ୍ତର, ପ୍ରତିବାଦ ପତ୍ର (୨) ଏବଂ 'ଓଡ଼ିଆ ଭାଷାର ଆଦର୍ଶ' ଇତ୍ୟାଦି ଓଡ଼ିଆ ପ୍ରବନ୍ଧ ସାହିତ୍ୟର ରୁଗ୍‌ଣ କଳେବରକୁ ଅନେକାଂଶରେ ବପୁଷ୍ମାନ୍ କରିପାରିଛି ।

ବାସ୍ତବ ଜୀବନରେ ଶ୍ୟାମସୁନ୍ଦର ଥିଲେ ନିଃସନ୍ତାନ, ଠିକ୍ ଯେପରି ଥିଲେ ଗୋପୀନାଥ ନନ୍ଦଶର୍ମା । ତେଣୁ ରାଜଗୁରୁଙ୍କୁ ଥଟ୍ଟା କରି ନନ୍ଦେ କହୁଥିଲେ, 'ଆମେ ଦିହେଁ ଅପୁତ୍ରିକ । କିନ୍ତୁ ମୁଁ ଦୁଇଟି ପୁତ୍ରର ପିତା, ଗୋଟିଏ ମୋର 'ଶବ୍ଦ ତତ୍ତ୍ୱବୋଧ ଅଭିଧାନ' ଅନ୍ୟଟି 'ଭାଷାତତ୍ତ୍ୱ' । ଏପରି ପରିହାସ ମାଧ୍ୟମରେ ସେ ବୋଧହୁଏ ତାଙ୍କ ଜ୍ୟେଷ୍ଠଭ୍ରାତାତୁଲ୍ୟ ଶ୍ୟାମସୁନ୍ଦର ରାଜଗୁରୁଙ୍କୁ ଚେତାଇ ଦେଉଥିଲେ ଯେ ସେ ଯେପରି ବିରାଟ ଗ୍ରନ୍ଥ ରଚନା କରନ୍ତି । ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭାଗ ତୁଳନାରେ ସବୁଠାରୁ ଉପେକ୍ଷିତ ଓ ଅବହେଳିତ 'ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ'କୁ ଶ୍ରୀ ରାଜଗୁରୁ ସ୍ୱତଃ ପ୍ରବୃତ୍ତ ହୋଇ ଆଦରି ନେଇଛନ୍ତି ।

ଏକ ଅନାଥ ଶିଶୁକୁ ଅକୁଣ୍ଠିତ ପୃଷ୍ଠପୋଷକତା ଯୋଗାଇ ଦେଇ ଜଣେ ଅପୁତ୍ରିକ ଯେପରି ତା'ର ଆକାଂକ୍ଷିତ ପିତୃତ୍ୱ ଆସ୍ୱାଦନ କରିପାରେ ଠିକ୍ ସେହିପରି ଶ୍ୟାମସୁନ୍ଦର ରାଜଗୁରୁ ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ନିଜର ନିଭୃତ ଆନ୍ତରିକତା ପ୍ରଦର୍ଶନ କରି ନିଜ ନିଃସନ୍ତାନ ଜୀବନର

ଶୂନ୍ୟତାବୋଧ ଓ ଗ୍ଲାନିକୁ ସହଜରେ ଭୁଲି ଯାଇଥିଲେ । ଏଭଳି ସାହିତ୍ୟ-ପ୍ରତିଭା ନିକଟରେ ଯେକୌଣସି ସହୃଦୟ ପାଠକ ଓ ନିଷ୍ଠାପର ସମାଲୋଚକ ଆପେ ଆପେ ସପ୍ରଣତ ଶ୍ରଦ୍ଧାର୍ଘ୍ୟ ନିବେଦନ କରି ବସିବା ନିହାତି ସ୍ୱାଭାବିକ୍ ।

## ଏକଇ ବୃକ୍ଷେ ପକ୍ଷୀ ଦୁଇ, ବସନ୍ତି ପ୍ରିୟ ଭାବ ବହି :

### ଶବ୍ଦ ତତ୍ତ୍ୱବୋଧ ଅଭିଧାନରେ ସଂଗ୍ରହ ଓ ପ୍ରୟୋଗ

ପଣ୍ଡିତ ଗୋପୀନାଥ ନନ୍ଦଶର୍ମା (୧୮୬୯-୧୯୨୪) ଥିଲେ ଏକାଧାରରେ ଜଣେ ସାହିତ୍ୟିକ, ସମାଲୋଚକ ଓ ଭାଷାବିଜ୍ଞାନୀ । ପାରଳାଖେମୁଣ୍ଡିର ଏ ପୂଜ୍ୟ ପ୍ରତିଭା ମଧ୍ୟ ଆଉ ଏକ ସିଦ୍ଧିର ଅଧିକାରୀ । ସେ ଓଡ଼ିଆ ଭାଷାରେ ୧୯୧୬ ମସିହାରେ 'ଶବ୍ଦ ତତ୍ତ୍ୱବୋଧ' ନାମରେ ଯେଉଁ ଅଭିଧାନ ପ୍ରଣୟନ କରିଯାଇଛନ୍ତି, ତାହା ଆଜି ପର୍ଯ୍ୟନ୍ତ ତାହାର ନମୁନା ହୋଇ ରହିଯାଇଛି । ଏଠାରେ ସ୍ମରଣଯୋଗ୍ୟ ଯେ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସାଧୁ ଉଦ୍ୟମରେ ୧୯୩୧ ମସିହାଠାରୁ ୧୯୪୦ ମଧ୍ୟରେ ସଂକଳିତ ହୋଇଥିବା ପୂର୍ଣ୍ଣଚନ୍ଦ୍ର (ଓଡ଼ିଆ) 'ଭାଷାକୋଷ'ର ପ୍ରଥମ ଖଣ୍ଡରେ କେବଳ ଜଣେ ମାତ୍ର ବ୍ୟକ୍ତିଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି, ସେ ହେଉଛନ୍ତି ଶବ୍ଦ ତତ୍ତ୍ୱବୋଧ ଅଭିଧାନ ପ୍ରଣେତା ଗୋପୀନାଥ ନନ୍ଦଶର୍ମା ।

ପୂର୍ଣ୍ଣ ଚନ୍ଦ୍ର ଭାଷାକୋଷର ପ୍ରଥମ ଖଣ୍ଡ ଅବତରଣିକାରେ ଭାଷାକୋଷ ସଂକଳକ ତାଙ୍କ ଅଭିଧାନର ଇତିହାସ ଓ ବିଶେଷତ୍ୱ ସଂପର୍କରେ କହିଛନ୍ତି - 'ପାରଳାର ସ୍ୱର୍ଗୀୟ ପଣ୍ଡିତ ଗୋପୀନାଥ ନନ୍ଦ ୧୯୧୬ ସାଲରେ ଓଡ଼ିଆ 'ଶବ୍ଦ ତତ୍ତ୍ୱବୋଧ' ନାମରେ ଯେଉଁ ଅଭିଧାନ ଖଣ୍ଡି ପ୍ରକାଶ କରିଥିଲେ, ତହିଁରେ ଅନ୍ୟପ୍ରକାର ଅନେକ ଦୋଷ ରହିଯାଇଥିବାରୁ ପରବର୍ତ୍ତୀ କାଳରେ ଓଡ଼ିଶାର ସାହିତ୍ୟସେବୀମାନେ ତାହାକୁ ଭିନ୍ନ ଦୃଷ୍ଟିରେ ଦେଖିଲେ ।' ପ୍ରହରାଜ ମହୋଦୟ ତାଙ୍କ ଭାଷାକୋଷର ବିଶାଳ ସଂରଚନା ପାଇଁ ଶବ୍ଦ ତତ୍ତ୍ୱବୋଧକୁ ଏକ ପ୍ରାମାଣିକ ଗ୍ରନ୍ଥ ରୂପେ ଗ୍ରହଣ କରିଛନ୍ତି, ଏହା ଜଣେ ଯୋଗ୍ୟ ପ୍ରତିଭାର ଯଥାଯୋଗ୍ୟ ସମ୍ମାନାର୍ଘ୍ୟ ବୋଲି କୁହାଯାଇପାରେ ।

ଅଭିଧାନ ପ୍ରଣୟନ ଏକ ଦୁରୂହ ବ୍ୟାପାର । ଏଥିପାଇଁ ତିନିଗୋଟି ପ୍ରଧାନ ବିଷୟ ଉପରେ ଦୃଷ୍ଟିଦେବା ନିହାତି ବିଧେୟ । (କ) ଶବ୍ଦ ସଂଗ୍ରହ, (ଖ) ଶବ୍ଦ ନିର୍ବାଚନ ଓ (ଗ) ଶବ୍ଦ ତାତ୍ପର୍ଯ୍ୟ ନିର୍ଣ୍ଣୟ । ଏହି କାରଣରୁ ଜଣେ ଅଭିଧାନ ପ୍ରଣେତା ନିହାତି ପକ୍ଷେ ଜଣେ ଭାଷାତତ୍ତ୍ୱବିଦ୍ ହେବା ଏକ ମୌଳିକ ଆବଶ୍ୟକତା । ଗୋଟିଏ ଭାଷାର ଉତ୍ପତ୍ତି ଓ କ୍ରମବିକାଶ ତାହାର ସଂରଚନାର ବିବିଧ ସ୍ତର (ଧ୍ୱନିତାତ୍ତ୍ୱିକ, ବ୍ୟାକରଣିକ, ଅର୍ଥତାତ୍ତ୍ୱିକ) ଓ ବିବିଧ ସ୍ଥିତି (ସମକାଳିକ, କାଳକ୍ରମିକ, ଆଞ୍ଚଳିକ, ତୁଳନାତ୍ମକ ଇତ୍ୟାଦି) ସମ୍ବନ୍ଧରେ ପର୍ଯ୍ୟାପ୍ତ ଧାରଣା ନଥିଲେ ଅଭିଧାନଟିଏ ତ୍ରୁଟିହୀନ ଭାବରେ ସଂକଳିତ ହୋଇପାରିବ ନାହିଁ । ଶବ୍ଦ ନିର୍ବାଚନକୁ ଭିନ୍ନ ଭିନ୍ନ ଦୃଷ୍ଟିରୁ ସୀମିତ କରାଯାଇପାରେ, କିନ୍ତୁ ଶବ୍ଦ ସଂଗ୍ରହ କ୍ଷେତ୍ରରେ ସଂପୂର୍ଣ୍ଣ ମୁକ୍ତ ମନୋଭାବ କାମ୍ୟ । ପ୍ରଚଳିତ, ଅବଲୁପ୍ତ, ସାହିତ୍ୟିକ, କଥିତ, ଔପଭାଷିକ, ଆଞ୍ଚଳିକ ଇତ୍ୟାଦି ସମସ୍ତ ଧରଣର ଶବ୍ଦ ଅଭିଧାନ ସଂକଳନ ପାଇଁ ଆବଶ୍ୟକ । ମୂଳ ଶବ୍ଦ ବ୍ୟତିରେକ ଶବ୍ଦ ନିଷ୍ପନ୍ନ ପାଇଁ ବ୍ୟବହାର ହେଉଥିବା ପ୍ରତ୍ୟୟ ସମୂହ ମଧ୍ୟ ସ୍ୱତନ୍ତ୍ର ଭାବେ ଚିହ୍ନିତ ଓ ନିର୍ଦ୍ଦେଶିତ ହେବା ଉଚିତ । ପଣ୍ଡିତ ନନ୍ଦଙ୍କର ଏ ସମସ୍ତ ବିଷୟରେ ଗଭୀର ଅବଗାହନ ଥିଲା, ତେଣୁ ତାଙ୍କ ଅଭିଧାନରେ ସେ ସାଧ୍ୟମତେ ବିଭିନ୍ନ ସ୍ତରରୁ ଶବ୍ଦ ସଂଗ୍ରହ କରି ନିଜ ମୌଳିକ ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି ।

ଶବ୍ଦ ସଂଗ୍ରହ ଓ ନିର୍ବାଚନ ପରେ ଅଭିଧାନ ପ୍ରଣୟରେ ଆଉ ଏକ ବିଶିଷ୍ଟ ଆବଶ୍ୟକତା ହେଉଛି ଶବ୍ଦ ତାତ୍ପର୍ଯ୍ୟ-ନିରୂପଣ । ଅଭିଧାନରେ କୌଣସି ଶବ୍ଦର ସ୍ୱରୂପ ଓ ଅର୍ଥ ନିର୍ଣ୍ଣୟ କରିସାରିଲାପରେ ଶବ୍ଦ ତାତ୍ପର୍ଯ୍ୟ ଓ ପ୍ରୟୋଗ ନିର୍ଦ୍ଦେଶିତ ହୋଇଥିଲେ ତାହା ବ୍ୟବହାରକାରୀକୁ ଅନେକ ସହାୟତା ପ୍ରଦାନ କରିଥାଏ । ବ୍ୟବହାରକାରୀ (User) ଶବ୍ଦଟିର ପ୍ରୟୋଗ ଦେଖିବାମାତ୍ରେ ତା'ର ତାତ୍ପର୍ଯ୍ୟ ବୁଝିଯାଏ । ଅବଶ୍ୟ ଗୋଟିଏ ଶବ୍ଦ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରିଥାଏ । ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ପ୍ରୟୋଗର ଉଦାହରଣ ସଂଗ୍ରହ କରି ଅଭିଧାନରେ ସନ୍ନିବେଶିତ କରାଯିବା ଆବଶ୍ୟକ । କୌଣସି ଶବ୍ଦର ଅଲଗା ଅଲଗା ଅର୍ଥ ଥାଇ ଯଦି କେବଳ ଗୋଟିଏ ଅର୍ଥର ପ୍ରୟୋଗ ପ୍ରଦର୍ଶିତ ହୁଏ, ତେବେ ତାହା ସଂକଳୟିତାଙ୍କର ସଂକୀର୍ଣ୍ଣ ମନ ଓ କ୍ଷୁଦ୍ର ଅଧ୍ୟୟନର ପରିଚାୟକ ହୋଇଥାଏ । ଗୋପୀନାଥ ନନ୍ଦଙ୍କର ଶବ୍ଦ ତତ୍ତ୍ୱବୋଧ ଅଭିଧାନର ଅନୁଧ୍ୟାନରୁ ଜଣାଯାଏ ଏହା ସତେ ଯେମିତି ଶବ୍ଦମାନଙ୍କର ସଂଗ୍ରହ ଓ ପ୍ରୟୋଗର ଏକକ କର୍ମଶାଳା (A unitary workshop of collection and application of words) ହୋଇପାରିଛି ।

ଦ୍ରଷ୍ଟବ୍ୟ :

ପଣ୍ଡ, ବିଂ (ପଣ୍ଡ୍ = ଗମନ କରିବା - ଅ, ଅଥବା ପଣ୍ - ଡ)

ନିଷ୍ଫଳ ।

ଯଥା : 'ଏ ଯଶ ତୁମର ଖ୍ୟାତ ଦୁନିଆରେ
ପଣ୍ଡ ହେବ ସିନା ଯମ ଦରବାରେ ।'
(ଦରବାର- ରାଧାନାଥ)

ବି, ଗର୍ବ

ଯଥା : 'ଯୁଧିଷ୍ଠି ଠାକୁରଙ୍କର ଲାଗି ଏତେ ଦଣ୍ଡ
ନୋହିଲେ କୌରବଙ୍କର ରହନ୍ତା କି ପଣ୍ଡ ।'
(ନୃ.ପୁ.ସ.ତ)

ବିଶେଷ ଭାବେ 'ପଣ୍ଡ'ର ଦ୍ୱିତୀୟ ଅର୍ଥଟି ଏବେ ଅପ୍ରଚଳିତ ହେଲେ ହେଁ ପ୍ରାଚୀନ ସାହିତ୍ୟରେ ଏହାର ପ୍ରୟୋଗ ଥିବାରୁ ଗୋପୀନାଥ ଏହାକୁ ଉଦ୍ଧାର କରିଛନ୍ତି ।

ଦେଶ, କାଳ ଓ ପରିସ୍ଥିତି ଭେଦରେ ଅର୍ଥର ପରିବର୍ତ୍ତନ ମଧ୍ୟ ଘଟିଥାଏ । ଭାଷା ଏକ ଜୀବନ୍ତ ଓ ଚଳମାନ ପ୍ରକ୍ରିୟା ହୋଇଥିବାରୁ ଏପରି ଘଟେ । ସୁତରାଂ ଜଣେ ସଂକଳକ ଗୋଟିଏ ଶବ୍ଦର ସମସ୍ତ ସାମ୍ଭାବ୍ୟ ଅର୍ଥ ଓ ପରିବର୍ତ୍ତିତ ଅର୍ଥର ପ୍ରୟୋଗ ଦର୍ଶାଇବା ଅନେକ ସମୟରେ ସମ୍ଭବପର ହୋଇନଥାଏ । କେବଳ ଏଇଥିପାଇଁ ପଣ୍ଡିତ ନନ୍ଦ କେତେକ ସ୍ଥଳରେ ସଂଗୃହୀତ ଶବ୍ଦମାନଙ୍କର ଅର୍ଥର ସମସ୍ତ ପ୍ରୟୋଗ ଦର୍ଶାଇ ପାରିନାହାନ୍ତି ଏବଂ ଏଥିପାଇଁ ତାଙ୍କୁ ମଧ୍ୟ କିଛି ମାତ୍ରାରେ ନିନ୍ଦା ସହିବାକୁ ପଡ଼ିଥିଲା ବୋଲି ଶୁଣିବାକୁ ମିଳେ । ଅବଶ୍ୟ ଏଥିରେ ହତୋତ୍ସାହ ହେବାର କିଛି ନାହିଁ । କାରଣ ଏହାର ବହୁବର୍ଷ ପରେ ବହୁ ବିଜ୍ଞଜନଙ୍କ ସହାୟତାରେ ସଂକଳିତ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ମଧ୍ୟ ସମାଲୋଚନାର ଶରବ୍ୟ ହୋଇଥିଲା । ତେବେ ଗୋପୀନାଥ ନନ୍ଦଶର୍ମାଙ୍କ ଏକକ ଉଦ୍ୟମରେ ପ୍ରଣୀତ ଶବ୍ଦ ତତ୍ତ୍ୱବୋଧ ଅଭିଧାନ ଓଡ଼ିଆ ଶବ୍ଦମାନଙ୍କର ସଂଗ୍ରହ ଓ ତା'ର ପ୍ରୟୋଗ ଦର୍ଶାଇବା କ୍ଷେତ୍ରରେ ଯେଉଁଭଳି ଅନନ୍ୟ ସ୍ୱାତନ୍ତ୍ର୍ୟ ବହନ କରିପାରିଛି, ସେଥିପାଇଁ ସେ ସମସ୍ତଙ୍କର ପ୍ରଶଂସାର୍ହ ।

### ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ :

### 'ମୋ ଜୀବନ ସଂଗ୍ରାମ'ରେ ସ୍ୱଦେଶ ଚିନ୍ତା

ଅପ୍ରିୟ ହେଲେ ବି ସତ୍ୟ ଯେ ଜୀବନୀ ଓ ଆତ୍ମଜୀବନୀ ଭଳି ଅମ୍ଳାନ ଓ ଦୁର୍ମୂଲ୍ୟ ସାହିତ୍ୟିକ ସଂପଦଗୁଡ଼ିକ ଓଡ଼ିଆ ସାହିତ୍ୟରେ ଏଯାବତ୍ ପାଠକମାନଙ୍କ ପାଖରୁ ଆକାଙ୍କ୍ଷିତ ଆଶ୍ୱାସନା ହାସଲ କରିପାରି ନାହାନ୍ତି । ଓଡ଼ିଆ ସାହିତ୍ୟର 'ବିପୁଳା ଚ ପୃଥ୍ୱୀ'ରେ ଏମାନଙ୍କର ଭାଗ୍ୟ ବିଡ଼ମ୍ବିତ ହୋଇ ପଡ଼ି ରହିଛି । କିନ୍ତୁ ଇଂରାଜୀ, ଜର୍ମାନୀ ଓ ଫରାସୀ ସାହିତ୍ୟରେ 'ଜୀବନୀ ସାହିତ୍ୟ' ଓ ଆତ୍ମଜୀବନୀ ସାହିତ୍ୟର ଏକ ବିରାଟ ଶୋଭାଯାତ୍ରା ଦେଖିବାକୁ ମିଳେ ।' ପ୍ରକୃତ ସାହିତ୍ୟ ରସରେ ସମୃଦ୍ଧ ଜୀବନ ଚରିତ ବା ଆତ୍ମଚରିତ ମନୁଷ୍ୟ ମନ ଗଠନ ଦିଗରେ ସବିଶେଷ ସହାୟକ, ଏହାଦ୍ୱାରା କେବଳ ଯେ ସାହିତ୍ୟର ପରିପୁଷ୍ଟି ସାଧିତ ହୁଏ, ତାହା ନୁହେଁ, ସମାଜ-ଚେତନାର ମଧ୍ୟ ପରିପୁଷ୍ଟି ସଂସାଧିତ ହୋଇଥାଏ । କିନ୍ତୁ ଦୁଃଖର ବିଷୟ ଆମ ଦେଶରେ ଆଜି ପର୍ଯ୍ୟନ୍ତ ଏ ବିଷୟରେ ଅନେକଙ୍କ ମନରେ ସଠିକ୍ ଧାରଣା ଗଢ଼ି ଉଠିନି । ଜୀବନୀ ସାହିତ୍ୟର ପ୍ରକୃତ ତାତ୍ପର୍ଯ୍ୟ ଖୁବ୍ କମ୍ ପାଠକ ହିଁ ହୃଦୟଙ୍ଗମ କରିଥାନ୍ତି । ମହତ୍ ସାହିତ୍ୟ, ଯାହାକୁ ଆମେ ବହୁ ସୃଜନଧର୍ମୀ ସାହିତ୍ୟ ବା (Ceative Literature) ମାନବ ଜୀବନର ହିଁ ଅଂଶବିଶେଷ । ଏଥିରେ ପ୍ରତିଫଳିତ ଶାଶ୍ୱତ କାଳର ଅନୁଭୂତି ଓ ଚିନ୍ତା ଯୁଗ ଯୁଗ ଧରି ମନୁଷ୍ୟ ମନକୁ ନବ ନବ ସୃଷ୍ଟି ପଥରେ ପ୍ରତ୍ୟକ୍ଷ ପ୍ରେରଣା ପ୍ରଦାନ କରିଥାଏ । ତାକୁ ହିଁ ଆମେ ସାର୍ଥକ ଆତ୍ମଜୀବନୀ ବା ଜୀବନ ଚରିତ ଯାହା ମହତ୍ ସାହିତ୍ୟର ଗୋଟିଏ, ଅପରିହାର୍ଯ୍ୟ ଅଂଶ ଭାବରେ ଆମ ନିକଟରେ ଉପସ୍ଥିତ ହୋଇ ଆମ ଚିନ୍ତାକୁ କରେ ଉଦୀପ୍ତ ଏବଂ ଚିତ୍ତକୁ କରେ ସରସ ।' (ଚିନ୍ତାମଣି ବେହେରା - ବିଦଗ୍ଧ ପାଠକ, ପୃ.୯୧) ଶ୍ରୀ ବେହେରାଙ୍କ ଏହି ସୁଚିନ୍ତିତ ମନ୍ତବ୍ୟ ଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଆତ୍ମଜୀବନୀ 'ମୋ ଜୀବନ ସଂଗ୍ରାମ' ଆଧାରରେ ବିଚାର କଲେ ଅକ୍ଷରେ ଅକ୍ଷରେ ସତ୍ୟ ବୋଲି ପ୍ରତିଭାତ ହୁଏ ।

୧୯୯୪ ମସିହାରେ ପ୍ରକାଶିତ 'ମୋ ଜୀବନ ସଂଗ୍ରାମ' ବାସ୍ତବରେ ଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ନିରୁତା ବୟକ୍ତିକ ଜୀବନର ପ୍ରତିଲିପି ନୁହେଁ, ବରଂ ଏହା ୧୯୨୦ଠାରୁ ୧୯୪୭ ପର୍ଯ୍ୟନ୍ତ ପରାଧୀନ ଓଡ଼ିଶାର (କେତେକାଂଶରେ ଭାରତର) ସାମାଜିକ - ରାଜନୀତିକ - ଅନ୍ଧାରୀ ଆକାଶର ଆଲୋକିତ ଇତିବୃତ୍ତ । 'ମୋ ଜୀବନ ସଂଗ୍ରାମ' ପାଠ କଲେ କେବଳ ଯେ ସତ୍ୟନାରାୟଣ ରାଜଗୁରୁଙ୍କୁ ଜାଣି ହେବ ତା' ନୁହେଁ, ବରଂ ସେ ସମୟର ଓଡ଼ିଶାର ଅନେକ ଅଜ୍ଞାତ ଅଧ୍ୟାୟକୁ ମଧ୍ୟ ପ୍ରାଞ୍ଜଳ ଭାବେ ବୁଝି ହେବ । ଇଂରାଜୀ ସାହିତ୍ୟର ଜଣେ ବିଶିଷ୍ଟ ସମାଲୋଚକଙ୍କ ମତରେ - 'Auto biography frequently reflects national character and in so far as this is true, it can supply a rich source of materials for the understanding of diverse people.' ଏହି ମନ୍ତବ୍ୟଟିର ଯୁକ୍ତି ଯୁକ୍ତତା ବାରମ୍ବାର ପରୀକ୍ଷିତ ହୋଇଛି । ଏହାର ଯଥାର୍ଥ ସାକ୍ଷ୍ୟ ବହନ କରିଛନ୍ତି ଲିଓ ଟଲଷ୍ଟୟଙ୍କ ଆତ୍ମଜୀବନୀ, ଗାନ୍ଧିଜୀଙ୍କର 'My experiment with Truth', ନେହରୁଙ୍କର Autobiography ଏବଂ ବିଶ୍ୱ ସାହିତ୍ୟର ଆହୁରି ଅନେକ ଉଚ୍ଚକୋଟିର ଆତ୍ମଜୀବନୀ । ଦେଶର ଅଗଣନ ମଣିଷଙ୍କୁ ବୁଝିବାର ମୂଲ୍ୟବାନ ଉପାଦାନ ଯଦି ଯୋଗାଏ ଆତ୍ମଜୀବନୀ ତେବେ ଏ କ୍ଷେତ୍ରରେ ଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ 'ମୋ ଜୀବନ ସଂଗ୍ରାମ' ପଛରେ ପଡ଼ି ଯାଇନାହିଁ । ବିଂଶ ଶତାବ୍ଦୀର ଆଦ୍ୟପାଦରେ ଓଡ଼ିଆ ଭାଷା ଓ ଓଡ଼ିଶା ପ୍ରଦେଶ ଉଭୟେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ମଧ୍ୟ ଦେଇ ଗତି କରୁଥିଲା । ଏହି ସମୟରେ ଶ୍ରୀ ସତ୍ୟନାରାୟଣ ରାଜଗୁରୁ ଆମ ପ୍ରଦେଶ ଓ ଆମ ଭାଷାର ଆତ୍ମରକ୍ଷା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଆପ୍ରାଣ ଉଦ୍ୟମ କରି ତାଙ୍କ ବ୍ୟକ୍ତିତ୍ୱର ମହନୀୟତା ପ୍ରତିପାଦିତ କରିଯାଇଛନ୍ତି । ଏ ପ୍ରସଙ୍ଗଟି ତାଙ୍କ ନିଜ ମୁହଁରୁ ଶୁଣିଲେ ମନ୍ଦ ହେବ ନାହିଁ ।

'ଏ ଶତାବ୍ଦୀଟି ଓଡ଼ିଶା ଓ ଓଡ଼ିଆ ଜାତି ପାଇଁ ଥିଲା ଗୁରୁତ୍ୱପୂର୍ଣ୍ଣ । ମୋର ଜନ୍ମ ତଥା ବାସସ୍ଥାନ ପାରଳାଖେମୁଣ୍ଡି ପ୍ରାକୃତିକ ଓଡ଼ିଶାର ଏକ ଐତିହାସିକ ସହର ଏବଂ ସୁନାମଧନ୍ୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସେହିଠାରୁ ଓଡ଼ିଆ ଆନ୍ଦୋଳନ ନିୟନ୍ତ୍ରିତ କରୁଥିବାବେଳେ ମୁଁ ତାଙ୍କର

ସହଯୋଗୀ ଭାବେ ଘଟଣାବହୁଳ ଜୀବନ ଅତିବାହିତ କରିଛି । ସେତେବେଳେ ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଯେଉଁ ସବୁ ସ୍ମାରକ ପତ୍ର ପ୍ରସ୍ତୁତ କରାଯାଉଥିଲା ସେଥିପାଇଁ ଐତିହାସିକ ତଥ୍ୟ ଯୋଗାଉଥିଲି ମୁଁ ନିଜେ । ଗଜପତି କୃଷ୍ଣଚନ୍ଦ୍ର ଦେବ ଓଡ଼ିଶା ପ୍ରଦେଶ ଗଠନ ଦାବୀ କରିବା ପାଇଁ ଯେଉଁ ଉପାଦାନ ଚାହୁଁଥିଲେ, ତାହା ଐତିହ୍ୟ ସଂପନ୍ନ ଏ ଓଡ଼ିଆ ଜାତିର ଅତୀତକୁ ଖୋଳିତାଡ଼ି ବାହାର କରି ଯୋଗାଇ ଦେବା ଏବଂ ସେ ସେହି ତଥ୍ୟକୁ ଭିତ୍ତିକରି ବିଶ୍ୱଦରବାରରେ ଓଡ଼ିଆଙ୍କ ପ୍ରତିନିଧି ଭାବେ ଏ ଜାତିର ନ୍ୟାଯ୍ୟ ଅଧିକାର ହାସଲ କରୁଥିବା ଯୋଗୁଁ ମୁଁ କେତେ ଯେ ଆନନ୍ଦ ପାଇଛି ସେ ସବୁ ବାସ୍ତବରେ ବର୍ଣ୍ଣନାତୀତ ।' (ମୋ ଜୀବନ ସଂଗ୍ରାମ - ମୁଖବନ୍ଧ)

ଆତ୍ମ ଚରିତର ସ୍ୱରୂପ ସଂପର୍କରେ ଜେ.ଟି. ସିପ୍ଲେ କହନ୍ତି - 'The authobiography proper is a connected narrative of the author's life with stress laid on introspection or on the significance of his life against a wider background.' ଏ ଦୃଷ୍ଟିରୁ ବିଚାର କଲେ ଜାଣିହୁଏ ଯେ ଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ 'ମୋ ଜୀବନ ସଂଗ୍ରାମ' ତାଙ୍କ ବ୍ୟକ୍ତିଗତ ଜୀବନ ପ୍ରବାହର ନଖଶିଖ ବର୍ଣ୍ଣନାରେ ଭାରାକ୍ରାନ୍ତ ହୋଇନାହିଁ, ବରଂ ଏହା ଓଡ଼ିଶା ରାଜ୍ୟ ଗଠନ, ଓଡ଼ିଆ ଭାଷାର ପୁନର୍ଜୀବନ, ଓଡ଼ିଶାର ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକ ଗବେଷଣା, କୃଷ୍ଣଚନ୍ଦ୍ର ଗଜପତିଙ୍କ ଓଡ଼ିଶା ଗଠନ ପାଇଁ ପ୍ରାଣପାତ ଉଦ୍ୟମ ଏବଂ ସର୍ବୋପରି ଭାରତର ସ୍ୱାଧୀନତା ସଂଗ୍ରାମ ଇତ୍ୟାଦି ଅନେକ ବୃହତ୍ତର ପ୍ରସଙ୍ଗର ଉପସ୍ଥାପନରେ ବିଚିତ୍ରବର୍ଣ୍ଣା ହୋଇପାରିଛି ।

**ସେ ସଦ୍‌ଗୁଣ - ଗୁଣ - ଖଣି, ଘୋଟିଛି ଯା' କୀର୍ତ୍ତି ଜଗତଶ୍ରେଣୀ :**

ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି

ପାରଳାଖେମୁଣ୍ଡିର ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଗଳ୍ପ, ଉପନ୍ୟାସ, କାବ୍ୟ, କବିତା ଓ ନାଟକଭଳି କୌଣସି ସାହିତ୍ୟିକ ଅବଦାନ ଛାଡ଼ି ଯାଇନାହାନ୍ତି ସତ, କିନ୍ତୁ ପରୋକ୍ଷ ଭାବରେ ସେ ଓଡ଼ିଆ ସାହିତ୍ୟର ପ୍ରଭୂତ ଉନ୍ନତି ସାଧନ କରିଯାଇଅଛନ୍ତି । ସେ ଥିଲେ ଅନେକ ମାନବୀୟ ସଦ୍‌ଗୁଣାବଳୀର ଆଧାର । ଶିକ୍ଷା, ସ୍ୱାସ୍ଥ୍ୟ, ଭାଷା, ସାହିତ୍ୟ, କଳା, ସଂସ୍କୃତି ଆଦି ଓଡ଼ିଶାର ସାମାଜିକ ତଥା ରାଜନୀତିକ ଜୀବନର ଅନେକ ଶାଖାକୁ ସେ ଯଥେଷ୍ଟ ମାତ୍ରାରେ ପଲ୍ଲବିତ କରାଇପାରିଥିଲେ । ତାଙ୍କର ଅକୁଣ୍ଠ ସାହାଯ୍ୟ ଓ ସହଯୋଗରେ କେବଳ ପାରଳାଖେମୁଣ୍ଡିରେ ନୁହେଁ, ଓଡ଼ିଶାର କୋଣ ଅନୁକୋଣରେ ଖେଳି ଯାଇଥିଲା ନବୀନ ଜୀବନ ପ୍ରବାହର ମୁକ୍ତବାୟୁ ।

ଓଡ଼ିଆ ଭାଷାକୁ ଆଧାରକରି ଓଡ଼ିଶା ପ୍ରଦେଶ ଗଠିତ ହେବାରେ କୃଷ୍ଣଚନ୍ଦ୍ର ନିଜର ସବ୍ୟସାଚୀତ୍ୱ ପ୍ରମାଣ କରିଯାଇଛନ୍ତି । 'ଉତ୍କଳ ସମ୍ମିଳନୀ'ର ଦଶମ ଅଧିବେଶନ ୧୯୧୪ ମସିହା ଡିସେମ୍ବର ୨୬ ଓ ୨୭ ତାରିଖରେ ପାରଳାରେ ଅନୁଷ୍ଠିତ ହେବା ପଛରେ ଥିଲା ତାଙ୍କର ଅକ୍ଳାନ୍ତ ଉଦ୍ୟମ । ୧୯୩୭ ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ସେ ଶପଥ ଗ୍ରହଣ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ ମେଡ଼ିକାଲ କଲେଜ, କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏବଂ ପୁରୀ, ବାଲେଶ୍ୱର ଓ ସମ୍ବଲପୁରଠାରେ ଅନେକ ସ୍କୁଲ କଲେଜ ସ୍ଥାପନ ଇତ୍ୟାଦି ଥିଲା କୃଷ୍ଣଚନ୍ଦ୍ର ଗଜପତିଙ୍କ ଶିକ୍ଷା ପ୍ରାଣତାର ଉଦାର ଅନୁଶୀଳନ ।

ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି କ୍ଷେତ୍ରରେ ତାଙ୍କର ମହତ୍ ଅବଦାନ ପ୍ରତ୍ୟକ୍ଷ-ପରୋକ୍ଷ ତତ୍ତ୍ୱାବଧାନ ଓ ପୃଷ୍ଠପୋଷକତା ତାଙ୍କ ସାହିତ୍ୟ ପ୍ରୀତିର ଆଲେଖ୍ୟ ବହନ କରେ । ପାରଳା ଜମିଦାରୀର ଦାୟିତ୍ୱ ଗ୍ରହଣ କରିବା ପରେ ୧୯୧୩ ମେ ୧୫ ତାରିଖରେ ସେ ଉତ୍କଳ ସାହିତ୍ୟ ସମାଜକୁ ଟ.୫୦୦ଙ୍କା ଦାନ ସ୍ୱରୂପ ପଠାଇଛନ୍ତି । ଗୋପବନ୍ଧୁ, ଗୋଦାବରୀଶ ଓ ନୀଳକଣ୍ଠ ଆଦି ପୁଣ୍ୟାତ୍ମାମାନଙ୍କ ମହନୀୟ ପ୍ରଚେଷ୍ଟାରେ ପରିଚାଳିତ ହେଉଥିବା ସତ୍ୟବାଦୀ ବନବିଦ୍ୟାଳୟକୁ ୧୯୧୩ ଜୁନ୍ ୯ ତାରିଖରେ ଟ.୫୦୦ଙ୍କା ଦାନ ଦେଇ ସେହି ନିଃସ୍ୱ ଅନୁଷ୍ଠାନର ଅଶେଷ ଉପକାର ସାଧନ କରିଥିଲେ ।

ତାଙ୍କ ଉଦ୍ୟମରେ ପାରଳାଖେମୁଣ୍ଡିରେ ପୂର୍ବରୁ ପ୍ରତିଷ୍ଠିତ ଥିବା ପ୍ରାକୃତିକ ଓଡ଼ିଶାର ପ୍ରଥମ ସ୍ଥାୟୀ ରଙ୍ଗମଞ୍ଚ 'ଶ୍ରୀ ଶ୍ରୀ ରସିକରାଜ ପ୍ରାସାଦିକ ସୁଜ୍ଜନ ମନୋହର ନାଟ୍ୟମଣ୍ଡଳୀ'ର ଆଧୁନିକୀକରଣ ହୋଇ 'ପଦ୍ମନାଭ ରଙ୍ଗାଳୟ' ନାମରେ ନବଜନ୍ମ ଲାଭ କରିଥିଲା । ତାଙ୍କ ପିତୃବ୍ୟ ନାଟ୍ୟକାର ପଦ୍ମନାଭ ଦେବଙ୍କ 'ଧ୍ରୁବ ନାଟକ', ମଞ୍ଜୁଶ୍ରୀ ସତ୍ୟନାରାୟଣ ପଣ୍ଡାଙ୍କ 'ବିଜୟ କୁମାର' ନାଟକ ଏଠାରେ ମଞ୍ଚସ୍ଥ ହୋଇଥିଲା । କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରୋତ୍ସାହନରେ ଶିଶୁ କଳାକାରମାନେ ଛାତ୍ରବୃତ୍ତି ହାସଲ କରି ନାଟ୍ୟବୃତ୍ତି ଶିକ୍ଷା କରୁଥିଲେ ।

ସଂଗୀତ ପ୍ରତି ତାଙ୍କର ଥିଲା ଅତିଶୟ ଆଗ୍ରହ । ପାରଳାରେ ନିୟମିତ ସଂଗୀତ ଚର୍ଚ୍ଚା ସେ କରାଉଥିଲେ । ପ୍ରତିବର୍ଷ ଦଶହରା ସମୟରେ ଆୟୋଜିତ ହେଉଥିଲା ଏକ ବିରାଟ ସଂଗୀତ ସମାରୋହ । ଏଥିରେ ସ୍ଥାନୀୟ ତଥା ଓଡ଼ିଶା ବାହାରୁ ଆସିଥିବା କଳାକାରମାନେ ଯୋଗ ଦେଉଥିଲେ । ଏହିସବୁ ସଂଗୀତ ଆସରମାନଙ୍କରେ ପାରଳାର ଅନ୍ଧ ଗାୟକ ଆପନ୍ନା ପାଣିଗ୍ରାହୀ ବହୁ ସୁନାମ ଅର୍ଜନ କରି ଓଡ଼ିଶା ବାହାରେ ମଧ୍ୟ ସୁପରିଚିତ ହୋଇପାରିଥିଲେ ।

ଗୋପାଳଚନ୍ଦ୍ର ପ୍ରହରାଜଙ୍କ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'ର ପଞ୍ଚମ ଭାଗ ପ୍ରକାଶିତ ହୋଇଛି ଗଜପତି କୃଷ୍ଣଚନ୍ଦ୍ରଙ୍କ ଆର୍ଥିକ ପୃଷ୍ଠପୋଷକତାରେ । 'ପ୍ରହରାଜଙ୍କ ଅନୁରୋଧ କ୍ରମେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନଗଦ ପାଞ୍ଚ ହଜାର ଟଙ୍କା ଆର୍ଥିକ ସହାୟତା ଦେଇ ସେହି ଭାଷା କୋଶାର୍କ ଭାଷାକୋଷର ପଞ୍ଚମ ଭାଗ ପ୍ରକାଶନ

କରାଇଥିଲେ ।'(ପଦ୍ମଚରଣ ସାହୁ - ଶତାବ୍ଦୀ ପୁରୁଷ - କୃଷ୍ଣଚନ୍ଦ୍ର ଗଜପତି, ପୃ.୧୬୭)

ଗୋପୀନାଥ ନନ୍ଦଙ୍କ ଶବ୍ଦତତ୍ତ୍ୱବୋଧ ଅଭିଧାନର ପ୍ରଣୟନ ଓ ପ୍ରକାଶନ ସମ୍ଭବ ହୋଇପାରିଥିଲା କୃଷ୍ଣଚନ୍ଦ୍ର ଗଜପତିଙ୍କ ଉଦାର ଆର୍ଥିକ ପ୍ରୋତ୍ସାହନ ଯୋଗୁଁ । 'ପଣ୍ଡିତ ଗୋପୀନାଥ ନନ୍ଦଶର୍ମା 'ଶବ୍ଦ ତତ୍ତ୍ୱବୋଧ ଅଭିଧାନ' ପ୍ରଣୟନ ବେଳେ ନିୟମିତ ସ୍କୁଲକାର୍ଯ୍ୟରେ ଯୋଗ ଦେଇ ପାରୁନଥିଲେ । ସେ ମହାରାଜାଙ୍କ ଉଚ୍ଚବିଦ୍ୟାଳୟରେ ପଣ୍ଡିତ ଥିଲେ । ଏଣୁ ସ୍କୁଲ ଅଧକ୍ଷ ମହାରାଜାଙ୍କ ପାଖରେ ଅଭିଯୋଗ କଲେ ଯେ ପଣ୍ଡିତ ନନ୍ଦ ନିୟମିତ ସ୍କୁଲକୁ ଆସୁନାହାନ୍ତି । ମହାରାଜା ନନ୍ଦ ମହାଶୟଙ୍କଠାରୁ ଅନିୟମିତ ହେବାର କାରଣ ବୁଝିଥିଲେ । ସେ 'ଶବ୍ଦତତ୍ତ୍ୱବୋଧ ଅଭିଧାନ' ପ୍ରଣୟନ କରୁଥିବା ଜାଣିପାରି ତାଙ୍କୁ ପୂରା ଦରମା ସହିତ ଛଅ ମାସ ଛୁଟି ଦେଇଥିଲେ ଏବଂ ଶେଷରେ ଏହି ଅଭିଧାନର ପ୍ରଥମ ପ୍ରକାଶନ ପାଇଁ ତିନିହଜାର ଟଙ୍କା ସାହାଯ୍ୟ ଦେଇଥିଲେ ।' (ଶତାବ୍ଦୀ ପୁରୁଷ କୃଷ୍ଣଚନ୍ଦ୍ର ଗଜପତି, ପୃ.୧୬୭)

ଗୋପୀନାଥ ନନ୍ଦଙ୍କ ଓଡ଼ିଆ 'ଭାଷାତତ୍ତ୍ୱ' ପ୍ରକାଶନ ପାଇଁ ଅର୍ଥ ନିଅଣ୍ଟ ହେବା ଜାଣି ମହାରାଜା ସେଥିପାଇଁ ମୁକ୍ତ ହସ୍ତରେ ଏକ ହଜାର ଟଙ୍କା ମଧ ସାହାଯ୍ୟ ଦେଇଥିଲେ ।

ଜଗବନ୍ଧୁ ସିଂହଙ୍କର 'ପ୍ରାଚୀନ ଉତ୍କଳ' ଗ୍ରନ୍ଥଟି କୃଷ୍ଣଚନ୍ଦ୍ରଙ୍କ ଅନୁଦାନରେ ପ୍ରକାଶିତ । ସାହିତ୍ୟ ସାଧନାବ୍ରତୀ ଅନେକ ଆର୍ଥିକ ଅସ୍ୱଚ୍ଛଳ ସାହିତ୍ୟିକଙ୍କୁ ସେ ଅଯାଚିତ ପୃଷ୍ଠପୋଷକତା ଯୋଗାଇ ଦେଇଛନ୍ତି । ତାଙ୍କର ପ୍ରେରଣା ଓ ପ୍ରୋତ୍ସାହନ ପାଇଁ ଓଡ଼ିଆ ସାହିତ୍ୟ ତାଙ୍କୁ ସବୁଦିନ ପାଇଁ ମନେ ରଖିବ ।

କୃଷ୍ଣଚନ୍ଦ୍ର ଗଜପତିଙ୍କ ପିତା ଗୌରଚନ୍ଦ୍ର ଗଜପତି ୧୮୯୧ ମସିହାରେ ଲଣ୍ଡନରୁ ଦୁଇଟି ବଡ଼ ମୁଦ୍ରଣ ଯନ୍ତ୍ର ଆଣି ରାଜପ୍ରାସାଦ ପରିସରରେ ସ୍ଥାପନ କରି 'ଗଜପତି ପ୍ରେସ'ର ଶୁଭାରମ୍ଭ କରିଥିଲେ । ଏହାର ପରିଚାଳନା ଦାୟିତ୍ୱରେ ଥିଲେ ଉଚ୍ଚ ଶିକ୍ଷିତ ଶ୍ୟାମ ସୁନ୍ଦର ରାଜଗୁରୁ । ଏହି ପ୍ରେସ୍‌ରୁ ତାଙ୍କ ସଂପାଦନାରେ ପ୍ରକାଶ ପାଇଲା ଇଂରେଜୀ ସାପ୍ତାହିକ ପତ୍ରିକା 'ଗଂଜାମ ନିଉଜ' । କୃଷ୍ଣଚନ୍ଦ୍ର ରାଜ୍ୟଭାର ଗ୍ରହଣ କଲାପରେ ୧୯୧୭ରୁ ୧୯୪୨ ମଧରେ ଓଡ଼ିଆ ସାହିତ୍ୟର ବଳିଷ୍ଠ ପୃଷ୍ଠପୋଷକତାର ନିଦର୍ଶନ ସ୍ୱରୂପ ଏଠାରୁ ପ୍ରକାଶିତ ହୋଇଥିଲା ଅନେକ ଦୁର୍ମୂଲ୍ୟ ସାହିତ୍ୟିକ ଗ୍ରନ୍ଥ । ସେମାନଙ୍କ ମଧରେ ଜଗନ୍ନାଥ ଗଜପତି (୩ୟ)ଙ୍କ 'ବୃନ୍ଦାବନଚନ୍ଦ୍ର ବିହାର', ଗୋପାଳକୃଷ୍ଣ ପଦ୍ୟାବଳୀର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସଂସ୍କରଣ, ପଦ୍ମନାଭ, ନାରାୟଣ ଦେବଙ୍କ ଭାଗବତ ମହାତ୍ମ୍ୟ, ଭାଗବତ ମହାପଟଳ, ତାଳସର୍ବସାର ସଂଗ୍ରହ, ପ୍ରହ୍ଲାଦ ନାଟକ, ସଂଗୀତ ଅହଲ୍ୟା ଶାପ ବିମୋଚନ, ସଂଗୀତ ନୀଳୋଦୟ ବାଣଦର୍ପଣ, ସଂଗୀତ ତାନ ପରୀକ୍ଷା ଗୌରଚନ୍ଦ୍ର ଗଜପତିଙ୍କ ନାମରେ ଭଣିତ ଧ୍ରୁବନାଟକ, ଗୌରହରି ପରିଚ୍ଛାଙ୍କ ଗୌରହରି ଗ୍ରନ୍ଥାବଳୀ, ହରିବନ୍ଧୁ ବେବର୍ତ୍ତାଙ୍କ ହରିବନ୍ଧୁ ପଦ୍ୟାବଳୀ, ଆପନ୍ନା ପଣ୍ଡାଙ୍କ କଳାବତୀ, ଗାଙ୍ଗେୟ ବଂଶାବଳୀ, ଗୀତ ରତ୍ନାବଳୀ, ଗୀତି ସ୍ତବକ ଇତ୍ୟାଦି ଉଲ୍ଲେଖଯୋଗ୍ୟ ।

କୃଷ୍ଣଚନ୍ଦ୍ର ଗଜପତି ନିଜେ ସାହିତ୍ୟିକ ନଥିଲେ ମଧ ତାଙ୍କର ଯେ ଏକ ରସୋଚ୍ଛଳ-ଉଦାର ସାହିତ୍ୟିକ ପ୍ରାଣ ଥିଲା ଏହା ନିଃସନ୍ଦେହ । ଦେଶ ଗଠନ, ଭାଷା ସୁରକ୍ଷା, ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ, ସମାଜ ସଂସ୍କାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଇତ୍ୟାଦି ଅନେକ ବିଷୟର ଉନ୍ନତି ପାଇଁ ସେ ସମସ୍ତ ସମୟ ବ୍ୟୟ କରୁଥିଲେ । ସେହି କାରଣରୁ ସାହିତ୍ୟ ସୃଷ୍ଟି ପାଇଁ ତାଙ୍କ ପାଖରେ ହୁଏତ ଅବସର ନଥିଲା, କିନ୍ତୁ ତା'ର ଉତ୍ତରୋତ୍ତର ଅଭିବୃଦ୍ଧି ପାଇଁ ତାଙ୍କ ଅଭ୍ୟନ୍ତରରେ ଥିଲା ଏକ ନିରନ୍ତର ଅନିର୍ବାଣ ଅନୁକମ୍ପା ।

**ଭଜିଛି ଅରଣ୍ୟ ପ୍ରସୂନର ଦଶା :**

**'ଗୋପୀନାଥ ବଲ୍ଲଭ' ନାଟକ**

୧୮୬୮ ମସିହାରେ ପାରଳାଖେମୁଣ୍ଡିର ରଘୁନାଥ ପରିଚ୍ଛାଙ୍କ ଦ୍ୱାରା ରଚିତ 'ଗୋପୀନାଥ ବଲ୍ଲଭ' ନାଟକ ପ୍ରକାଶିତ ହୋଇଥିଲା । ଏହାର ଦ୍ୱିତୀୟ ସଂସ୍କରଣ ହୋଇଥିଲା ଅପ୍ରେଲ ୧୮୯୬ ମସିହାରେ । ଦୁଇଟିଯାକ ସଂସ୍କରଣର ମୁଖବନ୍ଧ ଲେଖିଛନ୍ତି ଶ୍ରୀ ଗୌରୀଶଙ୍କର ରାୟ । ଏହି ନାଟକର ବିଜ୍ଞାପନରେ ଶ୍ରୀ ରାୟ ଲେଖିଛନ୍ତି - 'ଉତ୍କଳ ଭାଷାରେ ଅନେକ ପୁରାତନ ଗ୍ରନ୍ଥ ପୂର୍ବକବିମାନଙ୍କ ଦ୍ୱାରା ରଚନା ହୋଇ ଏତେବେଳେ ମୁଦ୍ରାଯନ୍ତ୍ରର ସାହାଯ୍ୟରେ ଦେଶ ବିଦେଶରେ ପ୍ରଚାର ହେବାରୁ ଉତ୍କଳ ଗୌରବ ଯଥୋଚିତ ରୂପେ ବିସ୍ତାର ହେଉଅଛି, କିନ୍ତୁ ବର୍ତ୍ତମାନ କାଳରେ ଉତ୍କଳ ଦେଶର ଲୋକମାନେ ବିଦ୍ୟା ଓ ବୁଦ୍ଧିର ତଦ୍ରୂପ ବ୍ୟବହାର କରୁଅଛନ୍ତି କି ନା ଏ କଥାର ପରିଚୟ ଦେବା ନିମିତ୍ତ ଆମ୍ଭେ ଗଞ୍ଜାମ ଜିଲ୍ଲାନ୍ତର୍ଗତ ପାରଳାଖେମୁଣ୍ଡି ନିବାସୀ କବିଚନ୍ଦ୍ର ରଘୁନାଥ ପରିକ୍ଷାଙ୍କ କୃତ ଏହି 'ଗୋପୀନାଥ ବଲ୍ଲଭ' ନାଟକ ମୁଦ୍ରିତ କରାଇ ଜନସମାଜରେ ଉପସ୍ଥିତ କରୁଅଛୁ । ଏଥିରେ ଶ୍ରୀରାଧାକୃଷ୍ଣଙ୍କର ରାସଲୀଳା ଚରିତ୍ରର କିୟଦଂଶ ସଂଗୀତ ନାଟକ ପ୍ରକାରରେ ବର୍ଣ୍ଣିତ ହୋଇଅଛି ।'

ଗୌରୀ ଶଙ୍କରଙ୍କର ଉପରୋକ୍ତ ମନ୍ତବ୍ୟରୁ ଜଣାଯାଏ ଯେ ୧୮୬୮ ମସିହାରେ ପ୍ରକାଶିତ ରଘୁନାଥ ପରିଚ୍ଛାଙ୍କ 'ଗୋପୀନାଥ ବଲ୍ଲଭ' ଏକ ନାଟକ ନିଶ୍ଚୟ । ୧୮୬୮ରେ ପ୍ରକାଶିତ ହୋଇଥିବା ହେତୁ ଏହାର ରଚନାକାଳ ନିହାତି ପକ୍ଷେ ୧୮୬୮ର ପୂର୍ବବର୍ତ୍ତୀ ସମୟ । ଏହା ସତ୍ତ୍ୱେ ଓଡ଼ିଆ ନାଟକର ବିକାଶକ୍ରମ ନିର୍ଦ୍ଦେଶ କଲାବେଳେ ଅଧାପକ ଗିରିଜା ଶଙ୍କର ରାୟ ତାଙ୍କର ଓଡ଼ିଆ ନାଟ୍ୟକଳା ପୁସ୍ତକରେ ଲେଖିଛନ୍ତି - 'କବିସୂର୍ଯ୍ୟଙ୍କ ଚମ୍ପୂ ଓଡ଼ିଆ ନାଟକର ପ୍ରାଥମିକ ଅବସ୍ଥାର ଦ୍ୟୋତକ ରୂପେ ଗ୍ରହଣ କରାଯାଇପାରେ ।' (ଓଡ଼ିଆ ନାଟ୍ୟକଳା,

ପୃ.୨୪) ସେହି ପୁସ୍ତକରେ ଅନ୍ୟତ୍ର (ପୃ.୩୨) ସେ ଓଡ଼ିଆ ଯାତ୍ରାକୁ ଓଡ଼ିଆ ନାଟ୍ୟ ସାହିତ୍ୟର ପୂର୍ବବର୍ତ୍ତୀ ଅବସ୍ଥା ରୂପେ ନିର୍ଦ୍ଦେଶ କରିଛନ୍ତି । ଯେତେବେଳେ ଯାତ୍ରା, ଲୀଳା, ସୁଆଙ୍ଗ ଓଡ଼ିଶାର ସାଂସ୍କୃତିକ ଜୀବନର ବିଶିଷ୍ଟ ଅଂଗ ଥିଲା, ସେତିକିବେଳେ 'ଗୋପୀନାଥ ବଲ୍ଲଭ' ନାଟକ ରଚିତ ହୋଇଥିଲେ ମଧ୍ୟ ଅଧ୍ୟାପକ ରାୟ ବଡ଼ ଆଶ୍ଚର୍ଯ୍ୟଜନକ ଭାବେ ଏହାର ଉଲ୍ଲେଖ ମଧ୍ୟ କରିନାହାନ୍ତି । ଫଳତଃ ପରବର୍ତ୍ତୀ ସମାଲୋଚକମାନେ ଏହି ନାଟକକୁ ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରାରେ ସମନ୍ୱିତ କରିବା ପାଇଁ କେତେକାଂଶରେ ଅନୁଦାରଭାବ ପ୍ରଦର୍ଶନ କରିଛନ୍ତି ।

ବିଷୟଗତ ପରିଚର୍ଚ୍ଚା ଦୃଷ୍ଟିରୁ ପ୍ରଭେଦ ଅନେକ ଥିବା ସତ୍ତ୍ୱେ ନାଟ୍ୟ କଳାର ଆଂଗିକ ଦୃଷ୍ଟିରୁ ବିଚାର କଲେ ରଘୁନାଥ ପରିଚ୍ଛାଙ୍କ ଗୋପୀନାଥ ବଲ୍ଲଭ ନାଟକ ଏବଂ ଜଗନ୍ମୋହନ ଲାଲଙ୍କର ବାବାଜୀ ଭିତରେ ବିଶେଷ କିଛି ଦୂରତ୍ୱ ନାହିଁ । 'ବାବାଜୀ' ସଂପର୍କରେ ଗିରିଜା ବାବୁଙ୍କର ଅଭିମତ ମଧ୍ୟ ସେତେ ଉତ୍ସାହଜନକ ନୁହେଁ । 'ବାସ୍ତବିକ ଏହି ବାବାଜୀ ନାଟକ ପ୍ରକୃତ ନାଟକ ନୁହେଁ, କିନ୍ତୁ ଏହା ଯାତ୍ରା ଅପେକ୍ଷା ଉନ୍ନତ ଓ ସୁରୁଚି ସଂପନ୍ନ x x x । ଏହା ଅତି କ୍ଷୁଦ୍ର ଶିକ୍ଷାପ୍ରଦ ଗୀତିନାଟ୍ୟ ଭିନ୍ନ ଆଉ କିଛି ନୁହେଁ ।' 'ଗୋପୀନାଥ ବଲ୍ଲଭ' ମଧ୍ୟ ନିରୁଢ଼ା ଅର୍ଥରେ ନାଟକ ନ ହୋଇପାରେ କିନ୍ତୁ ଗୀତିନାଟ୍ୟ ହେବାରେ ତା'ର କିଛି ଊଣା ଯୋଗ୍ୟତା ନାହିଁ । ଏପରିସ୍ଥଳେ ଗିରିଜା ଶଙ୍କର ତାଙ୍କ ଆଲୋଚନାରେ ବାବାଜୀ ନାଟକର ଅନେକ ଆଗରୁ ପ୍ରକାଶିତ 'ଗୋପୀନାଥ ବଲ୍ଲଭ' ନାଟକକୁ ପରିସରଭୁକ୍ତ ନକରିବା କ୍ଷୋଭର ବିଷୟ ।

ଶ୍ରୀ ପ୍ରିୟ ରଂଜନ ସେନ କିନ୍ତୁ 'ଗୋପୀନାଥ ବଲ୍ଲଭ' ନାଟକକୁ ସ୍ୱୀକୃତି ଦେଇଛନ୍ତି । 'The next dramatist of note was Jaganmohan Lala who wrote x x x Babaji, x x x published from Cuttack in 1877 x x. There was a predecessor even to Jaganmohan viz, Kavichandra Raghunath Pariksha who in 1868, from Cuttack published a drama Gopinath Ballabha Natak. Probably a translation from a vaishnav play in sanskrit.' (Modern Oriya Literature, pp.109-110)

୧୯୪୭ ମସିହାରେ ଶ୍ରୀ ସେନ୍‌ଙ୍କର ଏ ମନ୍ତବ୍ୟକୁ ପରବର୍ତ୍ତୀ କାଳରେ ୧୯୫୪ ଡିସେମ୍ବରରେ ପ୍ରକାଶିତ 'ଉତ୍କଳ ନୃତ୍ୟ ସଂଗୀତ ନାଟ୍ୟକଳା ପରିଷଦର ସ୍ମରଣିକା ସମର୍ଥନ ଯୋଗାଇଛି - 'Raghunath Parichha and Jaganmohan Lala are two other conspicious names in the history of dramatic authorship. Sri Parichha's Gopinath Ballabha Natak was published in 1868.'

ଏହାଦ୍ୱାରା ଓଡ଼ିଆ ସାହିତ୍ୟରେ ପ୍ରଥମ ନାଟକ ହେବାର ଦୌଡ଼ରେ 'ଗୋପୀନାଥ ବଲ୍ଲଭ'କୁ ଉପସ୍ଥାପନ କରାଯାଉନାହିଁ । କିନ୍ତୁ ଓଡ଼ିଆ ସାହିତ୍ୟର ବିକାଶ ପଥରେ ଶ୍ରୀ ରଘୁନାଥ ପରିଚ୍ଛାଙ୍କ 'ଗୋପୀନାଥ ବଲ୍ଲଭ' ଯେଉଁ ମୂଲ୍ୟବାନ ପାଥେୟ ଯୋଗାଇଛି ତା'ର ଯଥୋଚିତ ପ୍ରାପ୍ୟ ପ୍ରଦାନ କରିବାରେ କୌଣସି ସମାଲୋଚକ ଅନୁଦାରଭାବ ପୋଷଣ କରିବା ଆଦୌ ସ୍ପୃହଣୀୟ ନୁହେଁ ।

**ମନ ମୁକୁରରେ ତା' ରୂପ ଝଳି :**

**ପତ୍ର-ପୃଷ୍ଠାରେ ପାରଳାର ସ୍ମୃତି ଓ ପ୍ରତିଶ୍ରୁତି**

ପାରଳାଖେମୁଣ୍ଡି ଓଡ଼ିଶାର ଭୌଗଳିକ ମାନଚିତ୍ରରେ ଏକ ଉପାନ୍ତ ଅଞ୍ଚଳ । କିନ୍ତୁ ପ୍ରାକୃତିକ ଦୃଶ୍ୟ ସମ୍ବଳିତ ଏ ଭୂଖଣ୍ଡ ଅନେକ କବି, କଳାକାର, ସ୍ରଷ୍ଟା ଓ ଭାବୁକଙ୍କ ଆଖିରେ ବୋଳି ଦେଇଛି ଦିବ୍ୟାଞ୍ଜନ, ତାଙ୍କ ହୃଦୟ ବୀଣାରେ ସୃଷ୍ଟି କରିଛି ସର୍ଜନଶୀଳତାର ନବାନୁରାଗ । ଏ ମାଟିର ମହ ମହ ଗନ୍ଧରେ ଆମୋଦିତ ହୋଇଛି ସ୍ରଷ୍ଟା, ଏହାର ଉଭରଳ ଦୃଶ୍ୟ ରାଜିରେ ବିସ୍ଫାରିତ ହୋଇଛି ତା'ର ମନଶ୍ଚକ୍ଷୁ । ପାରଳାର କଥା ପ୍ରତ୍ୟେକ ସାରସ୍ୱତ କଳାପ୍ରାଣରେ ସୃଷ୍ଟି କରିପାରିଛି ବାଂଛିତ ମନୋଜ୍ଞ ବ୍ୟଥା । ଏ ମାଟି ଓ ଆକାଶର ବନ୍ଧନୀ ଭିତରେ ଥରେ ଯିଏ ବାନ୍ଧି ହୋଇଛି, ତାକୁ ଛାଡ଼ି ଚାଲିଗଲାବେଳେ ତା' ଅନୁଭବରେ ଆସିଛି ମେଞ୍ଚା ମେଞ୍ଚା ଅବଦମିତ କୋହ । କିଏ ତାକୁ ଗଳ୍ପରେ ତ କିଏ କବିତାରେ, ପୁଣି କିଏ ଚିତ୍ରରେ ଅବା ଚରିତ୍ରରେ କିମ୍ବା କେଉଁ ଚିଠି ପତ୍ରରେ ତାକୁ ସ୍ଥାନ ଦେଇଛନ୍ତି । ସ୍ରଷ୍ଟାର ସାରସ୍ୱତ ଉପତ୍ୟକା ପାରଳାର ପ୍ରୀତି ପର୍ବରେ ପୁଲକିତ ହୋଇଉଠିଛି । ସମୟର ବିବର୍ତ୍ତନରେ ଦୃଶ୍ୟମାନେ ହଜି ଯିବେ, ହଜି ଯିବେ ବି ତା'ର ଦ୍ରଷ୍ଟାମାନେ । କିନ୍ତୁ ପଛରେ ନିରବଧି କାଳକୁ କେବଳ ସାମ୍ନା କରୁଥିବ ପତ୍ର-ପୃଷ୍ଠାରେ ସ୍ଥାନୀତ ହୋଇଥିବା ତାଙ୍କର ଯେତେ ସବୁ ସ୍ମୃତି ଯେତେ ଅନୁଭୂତି ।

ଏହି ଅବସରରେ ପାରଳାଖେମୁଣ୍ଡିର ସ୍ମୃତିକୁ ସାହିତ୍ୟର ପତ୍ର-ପୃଷ୍ଠାରେ ଯେଉଁମାନେ ଉଜ୍ଜୀବିତ କରିପାରିଛନ୍ତି, ସେମାନଙ୍କୁ ସ୍ମରଣକୁ ଅଣାଯାଇପାରେ । ରାଧାନାଥ ରାୟଙ୍କ 'ମହେନ୍ଦ୍ରଗିରି', ବିଭୁଦତ୍ତ ମିଶ୍ରଙ୍କର 'ଉର୍ବଶୀର ଚିଠି' ଶାନ୍ତନୁ ଆଚାର୍ଯ୍ୟଙ୍କର ନରକିନ୍ନର ଉପନ୍ୟାସର ଜର୍ଜ ଚରିତ୍ର, ମହାପାତ୍ର ନୀଳମଣି ସାହୁଙ୍କ ତାମସୀରାଧା, ଅନ୍ଧରାତିର ସୂର୍ଯ୍ୟ, ଦୀନନାଥ ପାଠୀଙ୍କ ମେଟାଫିକ୍‌ସନ୍ ପୁନର୍ନବା ଓ ବେଣୀମାଧବ ପାଢ଼ୀଙ୍କ 'ସୀତାସାଗର' ଇତ୍ୟାଦି ପାରଳାର ପୁରୁଣା ଫର୍ଦ୍ଦ ପଢ଼ିବାରେ ସହାୟକ ହୁଅନ୍ତି ।

ଏତଦ୍‌ବ୍ୟତୀତ ଆହୁରି ଅନେକ ସାରସ୍ୱତ ସାଧକଙ୍କର କୃତି ଓ କୀର୍ତ୍ତିରେ ପାରଳାର ମୁଖଛବି ଝଲସି ଉଠିଥିବା ବିସ୍ମୟକର ନୁହେଁ । ଉପଯୁକ୍ତ ଅନୁସନ୍ଧାନ ଓ ଗବେଷଣାତ୍ମକ ଦୃଷ୍ଟିଭଂଗୀ ନେଇ ଏହି ପ୍ରସଙ୍ଗର ନିଷ୍ପାପର ବିଶ୍ଳେଷଣ କଲେ ଅନେକ ମୂଲ୍ୟବାନ ଅଜ୍ଞାତ ବିଷୟ ଗୋଚରୀଭୂତ ହେବ । ଏହି ବିଷୟକୁ ବିଶ୍ୱବିଦ୍ୟାଳୟ ସ୍ତରରେ ଏକ ଗବେଷଣାର ମାନ୍ୟତା ଦିଆଗଲେ Man, Milich ଏବଂ Race ସମସ୍ତେ ଉପକୃତ ହେବେ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

**କହିତ ନୋହିଲା ଭାରତୀରେ : ଶେଷକଥା**

ଆଲୋଚନା ପାଇଁ ଅବସରର ଅଭାବ ଓ ପ୍ରବନ୍ଧର ସୀମିତ କଳେବର ଦୃଷ୍ଟିରୁ ଯାହାସବୁ କହିବାର ଥିଲା ସେ ସବୁକୁ ପୁଙ୍ଖାନୁପୁଙ୍ଖ କହି ହେଲା ନାହିଁ । ମନକୁ ଅନେକ କଥା ଆସୁଛି । ଅନେକ ପ୍ରସଙ୍ଗ ଅନୁଶୀଳନରେ ବିଚାର ବୃତ୍ତି ବିସ୍ତୃତ ହେଉଛି । କିନ୍ତୁ ସେସବୁ ପାଇଁ ଆବଶ୍ୟକ ଅଲଗା ଅନୁଚିନ୍ତନ ।

ଲୋକ ଉପାଦାନ ଓ ସାଂଗୀତିକ ଆଧାର ବ୍ୟତୀତ ଗୋପାଳକୃଷ୍ଣ ପ୍ରତିଭାର ଆକଳନ ଆହୁରି ଅନେକ ଦିଗରୁ କରାଯାଇପାରିବ । ଏ ସଂପର୍କରେ ଆଲୋଚନା ଯେତିକି ହେବ ତାଙ୍କ ପ୍ରୀତି ପୀୟୂଷଭରା ପଦ୍ୟାବଳୀଗୁଡ଼ିକର ଆୟୁଷ ସେତିକି ବଢ଼ିବ । ଆଞ୍ଚଳିକତା ଓ ସଂକୀର୍ଣ୍ଣତାର କୂଟକପଟ ତ୍ୟାଗ କରି ଗୋପାଳକୃଷ୍ଣ ସଂଗୀତ ଯମୁନା ତଟରେ ଲୋଟିଯିବା ପ୍ରତ୍ୟେକ ସାରସ୍ୱତ ସମୀକ୍ଷକର ଏକାନ୍ତ ଅବଲମ୍ବନୀୟ ।

ଗୋପୀନାଥ ନନ୍ଦଶର୍ମାଙ୍କ ପାଣ୍ଡିତ୍ୟ ଓ ତାଙ୍କ 'ଶ୍ରୀଭାରତଦର୍ପଣ'ରେ ପ୍ରାଚ୍ୟ ସାହିତ୍ୟ ସମାଲୋଚନାର ଯେଉଁ Paradigm ସେ ସ୍ଥାପନ କରିଛନ୍ତି , ତାହା ସ୍ୱତନ୍ତ୍ର ଭାବରେ ଆଲୋଚିତ ହେବାର କଥା । ତାଙ୍କ ଭାଷାତତ୍ତ୍ୱ ଏକ ମୌଳିକ ଗ୍ରନ୍ଥ ହୋଇଥିବାରୁ ଏହାର ସ୍ଥାନ ମଧ୍ୟ ଓଡ଼ିଆ ଭାଷା ସାହିତ୍ୟ ଅଧ୍ୟୟନରେ ଏକ ନିର୍ଦ୍ଦିଷ୍ଟ ନିୟାମକ ହୋଇପାରିଛି । ପୁନଶ୍ଚ କବି ଗୋପୀନାଥ ନନ୍ଦ ଏବଂ ନାଟ୍ୟକାର ନନ୍ଦ ମଧ୍ୟ ପାରଳାଖେମୁଣ୍ଡିର ଗୌରବ ବର୍ଦ୍ଧନ କରିଛନ୍ତି ।

ଶ୍ୟାମସୁନ୍ଦର ରାଜଗୁରୁଙ୍କ ଜୀବନୀ ଓ କୃତିରାଜି ଓଡ଼ିଶା ଓ ଓଡ଼ିଆ ସାହିତ୍ୟ ପାଇଁ ଅତ୍ୟନ୍ତ ମୂଲ୍ୟବାନ । ଶ୍ୟାମସୁନ୍ଦରଙ୍କ ସାହିତ୍ୟିକ ପ୍ରତିଭାର ଏକକ ଅନୁଶୀଳନ ଆହୁରି ଅନେକ ତଥ୍ୟ ଓ ତତ୍ତ୍ୱ ଉଦ୍‌ଘାଟନରେ ସହାୟକ ହେବ ନିଶ୍ଚୟ ।

ପଦ୍ମନାଭ ଦେବଙ୍କ 'ପ୍ରହ୍ଲାଦ ନାଟକ' ରଘୁନାଥ ପରିଚ୍ଛାଙ୍କ ଅନ୍ୟାନ୍ୟ ଗ୍ରନ୍ଥ ଯଥା- 'ରାଧାକୃଷ୍ଣ ଲୀଳା', 'ଶ୍ରୀରାମାୟଣ', 'ତାଳସର୍ବସାର' ଓ 'ରାଧାମାଧବ ବିଳାସ' ଇତ୍ୟାଦିର ଆଲୋଚନା ନିଶ୍ଚିତ ଭାବରେ ପାରଳାଖେମୁଣ୍ଡିର ସାହିତ୍ୟିକ ଅବଦାନ ସଂପର୍କରେ ସବିଶେଷ ତଥ୍ୟ ପ୍ରଦାୟକ ହେବେ ।

ଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଇତିହାସ ଓ ପ୍ରତ୍ନତାତ୍ତ୍ୱିକ ଆଲୋଚନା ସମୂହ ସର୍ବଭାରତୀୟ ସ୍ତରରେ ମାନ୍ୟତାପ୍ରାପ୍ତ ଅନୁସିଦ୍ଧାନ୍ତ । ଅନେକ ଅସ୍ପଷ୍ଟ ଶିଳାଲେଖ ଓ ଜୀର୍ଣ୍ଣ ତାମ୍ରଫଳକ ଇତ୍ୟାଦିର ସେ ଶୁଦ୍ଧ ପାଠୋଦ୍ଧାର କରିବା ସଂଗେ ସଂଗେ ବହୁ ବିବଦମାନ ପ୍ରତ୍ନତାତ୍ତ୍ୱିକ ସମସ୍ୟାର ସମାଧାନ କରିପାରିଛନ୍ତି । ଜଣେ ଉଚ୍ଚକୋଟୀର ଗବେଷକ ଭାବରେ ସେହି ପ୍ରତିଭାଧରଙ୍କ ଆଗରେ ଆମର ଶିର ନଇଁପଡ଼େ । ସାହିତ୍ୟର ଅଧ୍ୟୟନ ଓ କେତେକ ସାହିତ୍ୟିକ ଉତ୍ସର ଅନୁସନ୍ଧାନ ପାଇଁ ତାଙ୍କର ନିର୍ଭରଯୋଗ୍ୟ ଅଭିମତ ଆମ ପାଇଁ ମଣିମାଣିକ୍ୟ ତୁଲ୍ୟ ।

ପାରଳାଖେମୁଣ୍ଡିର ସମସ୍ତ ସାହିତ୍ୟିକ ଅବଦାନ ଓ ତା'ର ପ୍ରତିଟି ସାରସ୍ୱତ ସର୍ଗ ଉପସର୍ଗକୁ ଆଲୋକିତ କରିବା ଅଧୁରା ରହିଗଲା - ଦୁଃଖ ଏତିକି !

ବରିଷ୍ଠ ଅଧ୍ୟାପକ
ଓଡ଼ିଆ ବିଭାଗ
ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର



କପିଳେଶ୍ୱରଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପୌର ଅତିଥି ଭବନର ଶିଳାନ୍ୟାସ କରୁଛନ୍ତି । ନିକଟରେ ଆଦିବାସୀ ଓ ହରିଜନ ଉନ୍ନୟନ ମନ୍ତ୍ରୀ ଶ୍ରୀ କାଳିନ୍ଦୀ ବେହେରା ଉପସ୍ଥିତ ଅଛନ୍ତି । (୨୮.୧୦.୨୦୦୪)